## ମାଣ୍ଡିଆ ଚାଷ ପାଇଁ ବଢୁଛି ଆଗ୍ରହ

# ରେଢ଼ାଖୋଲରେ ୩୩୧ଜଣ ଚାଷୀ ଲାଭବାନ

**ରେଢ଼ାଖୋଲ, ୨୧।୩ (ସମିସ)**

ରାଜ୍ୟ ସରକାର ଚାଷୀ ତଥା ଚାଷରେ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଯୋଜନା କରୁଛନ୍ତି। ଧାନ ବ୍ୟତୀତ ପନିପରିବା, ମାଣ୍ଡିଆ, ମକା ଆଦି ଚାଷ କରିବା ପାଇଁ ପ୍ରୋତ୍ସାହିତ କରିଆସୁଛନ୍ତି। ଚାଷୀମାନେ ମଧ୍ୟ ଧାନ ସହିତ ଅନ୍ୟ ଚାଷ ମିଲେଟ୍ ବା ମାଣ୍ଡିଆ ଚାଷ ହେଉଛି। ଅଞ୍ଚଳର ଚାଷୀମାନେ ଉତ୍ସାହିତ ହୋଇ ମାଣ୍ଡିଆ ଚାଷ କରୁଥିବା ଦେଖାଯାଇଛି। ଏବେ ରେଢ଼ାଖୋଲ ଉପଖଣ୍ଡ ଅଞ୍ଚଳରେ ପ୍ରାୟ ୫୪ହେକ୍ଟର ଜମିରେ ଏହି ଜାତୀୟ ପାରମ୍ପରିକ ଖାଦ୍ୟ ମାଣ୍ଡିଆ ଚାଷ ହେଉଛି। ପ୍ରାୟ ୩୩୧ଜଣ ଚାଷୀ ମାଣ୍ଡିଆ ଚାଷ କରି ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମାଣ୍ଡିଆ ଚାଷ କରି ଏବେ କ୍ଷେତରେ ଏବେ ସୁନା ଫଳାଉଛନ୍ତି। ଏହି ଚାଷରେ କେବଳ ହାଣ୍ଡି ଖତ ଦେବା ସହିତ ରୋଗ ଓ ପୋକ କମ୍ ଥାଏ। ଯାହାଦ୍ୱାରା କମ୍ ସମୟରେ ଏତେ ଲାଭବାନ ହେବେ ବୋଲି କେବେ ଭାବି ନଥିଲେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। କେତେକ ଜାଗାରେ ମାଣ୍ଡିଆ ପାଚିଥିବାବେଳେ ମଧ୍ୟ ମାଣ୍ଡିଆ ଚାଷ କରିବାକୁ କହୁଛନ୍ତି। ପୋଷଣର ଭଣ୍ଡାର କୁହାଯାଉଥିବା ମାଣ୍ଡିଆ ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ଆଦୃତ ହୋଇପାରିଛି। ରାଜ୍ୟ ସରକାରଙ୍କ ତରଫରୁ ମଣ୍ଡିଆକୁ ନେଇ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ମିଲେଟ୍ ମିଶନ ଜରିଆରେ ମାଣ୍ଡିଆକୁ ବୃଦ୍ଧି କରାଯାଇଛି। ବିଭିନ୍ନ ଏସ୍ଏଚ୍ଜି ଗ୍ରୁପ୍ର





କରିବାକୁ ଅଗ୍ରହ କରୁଛନ୍ତି। ଦୁଇବର୍ଷ ହେଲା ଜିଲ୍ଲାରେ ମାଣ୍ଡିଆ ଚାଷ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ମିଲେଟ୍ ମିଶନ ଯୋଜନାରେ ଚାଷୀଙ୍କୁ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯାଉଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡରେ ଏହାର ଲାଭ ନେଉଛନ୍ତି ଚାଷୀ। ଏହି ପାରମ୍ପରିକ ମାଣ୍ଡିଆ ଚାଷର ଆଦର ବଢୁଛି। କ୍ରମଶଃ ଏକର ଏକର ଜାଗାରେ ରେଢ଼ାଖୋଲ ଚାରମାଳର ଚାଷୀ ସୁରେନ୍ଦ୍ର କୁମାର ବିଶ୍ୱାଳ ଅନ୍ୟତମ। ରେଢ଼ାଖୋଲ ମହାଶକ୍ତି ଫାଉଣ୍ଡେସନ ପକ୍ଷରୁ ପ୍ରଥମେ ତାଙ୍କୁ ମାଣ୍ଡିଆ ଚାଷ କରିବା ଓ କିଭଳି କରାଯିବ ସେ ପ୍ରଣାଳୀ ବୁଝେଇବା ସହିତ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ କହିବା ପରେ ସେ ପ୍ରଥମଥର ଏହି ଚାଷ କରି ଏବେ ଲାଭବାନ ହେଇପାରିଛନ୍ତି। ଯେଉଁ କ୍ଷେତରେ ଧାନ ଚାଷ କରୁଥିଲେ ସେଠି କେତେକ ଜାଗାରେ କଞ୍ଚା ହୋଇଛି। ପାଚିଥିବା ମାଣ୍ଡିଆକୁ ସଂଗ୍ରହ କରି ମାଣ୍ଡିଆ ମଣ୍ଡିରେ ବିକ୍ରି କରାଯାଇଥାଏ। ରାଜ୍ୟ ସରକାରଙ୍କ ତରଫରୁ ମଧ୍ୟ ଆମକୁ ହେକ୍ଟର ପିଛା ୧୦ହଜାର ଟଙ୍କା ଦିଆଯାଇଛି ଯାହା ଆମ ଚାଷ କାମରେ ଲାଗିପାରିଛି। ଆଗକୁ ଆହୁରି ଅଧିକ ଜାଗାରେ ମାଣ୍ଡିଆ ଚାଷ କରାଯିବ ବୋଲି ଚାଷୀମାନେ ଉତ୍ସାହିତ ହୋଇ ରହିଛନ୍ତି। ଅନ୍ୟ ଚାଷୀମାନଙ୍କୁ ଦୋକାନ ଓ କାଫେରେ ମାଣ୍ଡିଆ ଜଳିଖିଆ, ପିଠା, ବିସ୍କୁଟ ଇତ୍ୟାଦି ବିକ୍ରି ହେବା ସହିତ ଲୋକଙ୍କ ବେଶ ଚାହିଦା ରହୁଥିବା ଦେଖିବାକୁ ମିଳିଛି। ସମସ୍ତ ବୟସ ଓ ସବୁବର୍ଗର ଲୋକ ସ୍ୱାସ୍ଥ୍ୟ ପାଇଁ ମାଣ୍ଡିଆ ଭଳି ପୋଷକ ତତ୍ୱରେ ଭରପୂର ଖାଦ୍ୟ ଘରକୁ ନେବା ସହିତ ଦୋକାନ ବଜାରରେ ଖାଉଛନ୍ତି। ଯେଉଁଥି ପାଇଁ ଆଜି ମାଣ୍ଡିଆର ଚାହିଦା ବଢ଼ିଛି।

## ସମ୍ବଲପୁରର କୁନି ପ୍ରତିଭା ସିଦ୍ଧି ସମ୍ପୂର୍ଣ୍ଣାଙ୍କୁ

# 'କିଡ୍ ଷ୍ଟାର୍ଫେସ୍ ଫର୍ ଛତିଶଗଡ଼' ଟାଇଟଲ୍

**ସମ୍ବଲପୁ.୨୧।୩(ସମିସ):** ଛତିଶଗଡ଼ଠାରେ ଚମକିଲେ ସମ୍ବଲପୁରର କୁନି ପ୍ରତିଭା। ସହରର ଧନୁପାଲି ଅଞ୍ଚଳର ସିଦ୍ଧି ସମ୍ପୂର୍ଣ୍ଣା ନାୟକ ଛତିଶଗଡ଼ର ରାଜଧାନୀ ରାୟପୁରଠାରେ ଅନୁଷ୍ଠିତ 'ଷ୍ଟାର୍ ଫେସ୍ ଅଫ୍ ଛତିଶଗଡ଼ ଫେସନ୍ ସୋ'ରେ ଉଚ୍ଚକୋଟିର ପ୍ରତିଭା ପରିବେଷଣ କରି ୱିନର ହୋଇ 'କିଡ୍ ଷ୍ଟାର୍ ଫେସ୍ ଅଫ୍ ଛତିଶଗଡ଼' ଟାଇଟଲ ହାସଲ କରିଛନ୍ତି। ସିଦ୍ଧି ହେଉଛନ୍ତି ଧନୁପାଲି ଅଞ୍ଚଳର ସାମ୍ବାଦିକ



ଚୈତନ୍ୟ ନାୟକ ଓ ବିନ୍ଦିଆରାନୀ ନାୟକଙ୍କ ଝିଅ। ସିଦ୍ଧି ସମ୍ପୂର୍ଣ୍ଣା ନାୟକ ଛୋଟବେଳୁ ଡେନ୍ସ, ମଡେଲିଂରେ ଆଗ୍ରହ ରଖି ଗୁରୁ ସେହେବାଜ ଖାନଙ୍କ ଠାରେ ମଡେଲିଂର ପ୍ରଶିକ୍ଷଣ ନେଉଛନ୍ତି। ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ହୋଟେଲ 'ଗ୍ରାଣ୍ଡ ଅର୍ଜୁନ' ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୋଟ ତିନୋଟି ରାଉଣ୍ଡ ସହ ପ୍ରଶ୍ନଉତ୍ତର ରାଉଣ୍ଡ ମଧ୍ୟ ହୋଇଥିଲା। ପ୍ରଥମ ରାଉଣ୍ଡଟି ପ୍ରତିଭା ରାଉଣ୍ଡ ଯେଉଁଥିରେ ସମ୍ବଲପୁରୀ ନାଚ ପ୍ରଦର୍ଶନ କରିଥିଲେ। ସିଦ୍ଧି ଦ୍ୱିତୀୟ ରାଉଣ୍ଡରେ ବଲିଉଡ଼ ୱାଲକ୍ ରାଉଣ୍ଡ ଥିଲା। ଶେଷରେ ୱେଷ୍ଟର୍ଣ୍ଣ ରାଉଣ୍ଡ ୱାଲକ୍ ଥିଲା। ଉଭୟ ରାଉଣ୍ଡରେ ସିଦ୍ଧି ସମ୍ପୂର୍ଣ୍ଣା ଭଲ ପ୍ରଦର୍ଶନ କରି ଏହି ଟାଇଟଲ ଜିତିବା ସହ ସମ୍ବଲପୁର ପାଇଁ ଗର୍ବ ତଥା ଗୌରବ ଆଣି ପାରିଛନ୍ତି। ଏହି ପ୍ରତିଯୋଗିତାରେ ଛତିଶଗଡ଼ି ଚାହତ ସିନେମାର ହିରୋ ଏବଂ ହିରୋଇନ ଅକ୍ଷକାଶ ସୋନି ଓ ୟସମିନ ଯଶୱାଲ ସେଲିବ୍ରିଟି ଗେଷ୍ଟ ଭାବେ ଯୋଗଦେଇଥିବା ବେଳେ ଛତିଶଗଡ଼ି ଫିଲ୍ମ ଲେଖକ ତଥା ନିର୍ଦ୍ଦେଶକ ରାଜା ଖାନ, ପ୍ରଯୋଜକ ଓ ଅଭିନେତା ରିଙ୍କୁ ରାଜା, ୟୁକୁବ୍ ଖାଁ, ବଂଶୀ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହାକୁ ଛତିଶଗଡ଼ର ମମତା ପଟେଲ ଏବଂ ଗ୍ରୁପ ଆୟୋଜନ କରିଥିଲେ।

# ୨୭ଲିଟର ମଦ ଜବତ, ୪ ଗିରଫ



**ବାମରା, ୨୧।୩(ସମିସ):** ବାମରା ବ୍ଲକ ଗଡ଼ପୋଷ ଅଞ୍ଚଳରେ ବେଆଇନ ମଦ କାରବାର ଚାଲୁଥିବା ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରିଥିଲା। ଗୋବିନ୍ଦପୁର ଅବକାରୀ ଅଧିକାରୀ ପାର୍ବତୀ ବୁଦ୍ଧିଆଙ୍କ ନେତୃତ୍ୱରେ ସମୀର ସ୍ୱାଇଁ, ଶ୍ୟାମ ଭୋଇ ଓ ଆଲମା ଟିଗା ଚଢ଼ଉ କରିଥିଲେ। ଚଢ଼ଉବେଳେ ଲୁହୁରେନବେର୍ନି ଗ୍ରାମର ସୁଷମା ମାଝି(୪୭)ଙ୍କ ଠାରୁ ୫ଲିଟର, ଚମେଲି ମାଝି(୪୦)ଙ୍କ ଠାରୁ ୫ ଲିଟର, ମହୁଲମୁଣ୍ଡା ଗ୍ରାମର ସେୱାନ୍ତି ତିରୁଆର (୫୦)ଙ୍କ ଠାରୁ ୧୨ଲିଟର ଓ ସାଗରା ଗ୍ରାମର ସୁଦର୍ଶନ କୁଜୁରଙ୍କ ଠାରୁ ୫ ଲିଟର ମୋଟ ୨୭ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସମସ୍ତଙ୍କ ବିରୁଦ୍ଧରେ ପୃଥକ ୪ଗୋଟି ମାମଲା ରୁଜୁ କରି ଗିରଫ କରାଯାଇଛି।

## ଭିସୁଟ୍ରେ ଛାତ୍ରଛାତ୍ରୀଙ୍କୁ ସର୍ଟ ଡ୍ରେସ୍ ମନା

# ଟେକ୍ନୋ-ଫେଷ୍ଟ ପାଇଁ କଟକଣା, ସୁଧୁରିବ ଶିକ୍ଷା ସହିତ ସଂସ୍କୃତି

**ବୁର୍ଲା, ୨୧।୩(ସମିସ):** ଭିସୁଟ୍ରେ ହେବାକୁ ଥିବା ଟେକ୍ନୋଫେଷ୍ଟ-୨୦୨୪ ବା ବସନ୍ତ ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ବେଶଭୂଷାରେ ଆସିବା ନେଇ ନିର୍ଦ୍ଦେଶନାମା ଜାରିହୋଇଛି। ଏହି ଉତ୍ସବରେ ପାଶ୍ଚାତ୍ୟ ସଭ୍ୟତାର ଡ୍ରେସ୍, ସର୍ଟଡ୍ରେସ୍ ତଥା ଅଶ୍ଲୀଳ କାର୍ଯ୍ୟକଳାପକୁ ଇଙ୍ଗିତ କରୁଥିବା ଡ୍ରେସ୍ ଉପରେ କଟକଣା ଲଗାଇଛନ୍ତି ଭିସୁଟ୍ କୁଳପତି। ଏ ନେଇ ଏକ ନୋଟିସ୍ ଜାରି କରିବା ସହ ସମସ୍ତ ବିଭାଗୀୟ ମୁଖ୍ୟ ତଥା ଛାତ୍ର କଲ୍ୟାଣ ଡିନ୍ଙ୍କୁ ପତ୍ର ଦେଇଛନ୍ତି। ସେହିଦିନ କୌଣସି ଛାତ୍ରଛାତ୍ରୀ ଏହାର ଅବମାନନା କରି ସର୍ଟଡ୍ରେସ୍ କିମ୍ବା ପାଶ୍ଚାତ୍ୟ ସଂସ୍କୃତିର ପୋଷାକ ପରିଧାନ କରି ଆସିଲେ ଭିସୁଟ୍ ମୁଖ୍ୟ ଫାଟକରୁ ଫେରାଇ ଦିଆଯିବା ନେଇ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ହୋଲି ସମୟରେ ଭିସୁଟ୍ରେ ଟେକ୍ନୋ-ଫେଷ୍ଟ ବା ବସନ୍ତ ଉତ୍ସବ ପାଳନ କରାଯାଇଥାଏ। ଏହି ସମୟରେ ଛାତ୍ରଛାତ୍ରୀ ହୋଲି ଉତ୍ସବକୁ ଧୁମ୍ଧାମ୍ରେ ମନାଇବା ସହ ନୃତ୍ୟଗୀତର ଆସରରେ ମସଗୁଲ ହୋଇଥାନ୍ତି। ଏହାସହ ଖାଦ୍ୟପେୟର ଆସର ମଧ୍ୟ ଜମିଥାଏ। ହେଲେ ମଝିରେ ମଝିରେ ହୋଲି ଉତ୍ସବରେ ଛାତ୍ରଛାତ୍ରୀ ପୋଷାକ ପରିଧାନ ଉପରେ ଧ୍ୟାନ ନଦେଇ ସର୍ଟଡ୍ରେସ୍ ପରିଧାନ କରିବା ସହ କିଛି ଅଶ୍ଳୀଳ ଆଚରଣ କରିଥିବା ମଧ୍ୟ ନଜିର ରହିଛି। ଯାହା ଫଳରେ ଶୈକ୍ଷିକ ବାତାବରଣ ଓ ସଂସ୍କୃତି ପ୍ରତି ଏହା ବିପଦ ବୋଲି ସଂସ୍କୃତି ବିଶାରଦ ମତ ପ୍ରକାଶ କରନ୍ତି। ତେବେ ଆମେ ଭାରତୀୟ ହିସାବରେ କେମିତି ନିଜର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଓ ଶୈକ୍ଷିକ ବାତାବରଣ ସହ ସଂସ୍କୃତି ବଞ୍ଚିବ ସେନେଇ ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝୀ ଏନେଇ ଏକ ପ୍ରୟାସ କରିଛନ୍ତି। ଏହି ଟେକ୍ନୋ-ଫେଷ୍ଟରେ ଯେମିତି ସମସ୍ତେ ପାରମ୍ପରିକ ବେଶଭୂଷା ଆସିବେ ସେ ନେଇ ଧ୍ୟାନ ଦେବାକୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ କୁହାଯାଇଛି। ଏହାର ଅବମାନନା କଲେ ଭିସୁଟ୍ରେ ସେହି ଟେକ୍ନୋ-ଫେଷ୍ଟ ସମୟରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉପରେ କଟକଣା ଲାଗିବ। ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାବେଳେ ଛାତ୍ରଛାତ୍ରୀ ମଧ୍ୟ ସ୍ୱାଗତ କରିଛନ୍ତି।

# ବାଇକ୍ ଦୁର୍ଘଟଣା: ୨ଆହତ

**ବାମରା, ୨୧।୩(ସମିସ):** ବାମରା କୁଚିଣ୍ଡା ମୁଖ୍ୟମାର୍ଗ ଘୁନଘୁଟି ଘାଟିରେ ଏକ ବାଇକ୍ ଦୁର୍ଘଟଣାରେ ୨ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ବାମରା ସୀମାବର୍ତ୍ତୀ ସୋଲ ଗ୍ରାମର ଆଲେକ୍ସ ଲାମଗା(୨୨) ଓ ସୁମନ ଲାମଗା(୨୫)। ଉଭୟେ ବାମରା ପଟୁ କେଶାଇବାହାଲ ଯାଉଥିବାବେଳେ ବାଟରେ ଘୁନଘୁଟି ଘାଟିରେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଆହତ ହୋଇଥିଲେ।



ପାଖପାଖ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ କେଶାଇବାହାଲ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରଥମିକ ଚିକିତ୍ସା ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## କୁଚିଣ୍ଡା ପୁଲିସ୍କୁ ବଡ଼ ସଫଳତା

# ୩ ଆନ୍ତଃରାଜ୍ୟ ଡକାୟତ ଗିରଫ

**କୁଚିଣ୍ଡା, ୨୧।୩(ସମିସ):** କୁଚିଣ୍ଡା ପୁଲିସ ୩ ଆନ୍ତଃରାଜ୍ୟ ଡକାୟତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନେ ହେଲେ କେନ୍ଦ୍ରପଡ଼ା ଜିଲ୍ଲାର ଉମେଶ ଚନ୍ଦ୍ର ସାହୁ ଓରଫ୍ ମୁତୁରୁ, ଯାଜପୁର ଜିଲ୍ଲାର ଅଜିତ କୁମାର କର ଏବଂ କୁଚିଣ୍ଡା ଥାନା ବୁରଡ଼ିହି ଗ୍ରାମର ସଞ୍ଜିତ କୁମାର ପଟେଲ। ପୁଲିସ ସେମାନଙ୍କ ପାଖରୁ ଗୋଟିଏ ୭.୬୫ ଏମ୍ଏମ୍ ଦେଶୀ ବନ୍ଧୁକ ଏବଂ ୩ଟି ଜୀବନ୍ତ ଗୁଳି, ଗୋଟିଏ ପଲସର ବାଇକ୍ ଏବଂ ଗୋଟିଏ ଜେଏଏକ୍ସ କିପେଡ



ମୋବାଇଲ ଓ ସିମ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଉମେଶ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୨୬ଟି ମାମଲା ଥିବାବେଳେ ଅଜିତ ନାମରେ ୨୨ଗୋଟି ଅପରାଧିକ ମାମଲା ଏବଂ ସଂଜିତ ନାମରେ କୁଚିଣ୍ଡା ଥାନରେ ଗୋଟିଏ ମାମଲା ରହିଥିବା ଜଣାପଡ଼ିଛି। ଗତ ୧୯ତାରିଖ ଦିନ କୁଚିଣ୍ଡା ଟାଉନ୍ ହଲ୍କୁ ବିବାହ ଉତ୍ସବରେ ଯୋଗଦେବା ପାଇଁ ସୁନ୍ଦରଗଡ଼ ଜିଲ୍ଲା ଭଷ୍ମା ଥାନା ଜାମତଲିଆ ଗ୍ରାମର ରାଜେନ୍ଦ୍ର କୁମାର ନାୟକ ଓ ତାଙ୍କ ପତ୍ନୀ ସନ୍ଧ୍ୟାରେ ଆସିଥିଲେ। ଠିକ୍ ଏତିକିବେଳେ ଡକାୟତ ଉମେଶ ଓ ଅଜିତ ଏକ ପଲସର ବାଇକ୍ (ଓଡି ୩୫ଏ୦୧୫୨)ରେ ଆସି ବାଇପାସ ରୋଡ଼ସ୍ଥିତ ଏକ ହୋଟେଲରେ ମଦ ଖାଇ ପୁଣି କୁଚିଣ୍ଡା ବସଷ୍ଟାଣ୍ଡକୁ ଫେରିଥିଲେ। ବସଷ୍ଟାଣ୍ଡଠାରେ ଥିବା ଗୁପ୍ତା ଜ୍ୱେଲର୍ସରୁ ଲୁଟ୍ କରିବା ପାଇଁ ସମ୍ମୁଖରେ ଟା'ପିଇ ଘୁରି ବୁଲୁଥିଲେ। ଏହି ସମୟରେ ବିବାହକୁ ଆସିଥିବା ଉକ୍ତ ମହିଳାଙ୍କ ସୁନା ଚେନ ଦେଖି ଛିଣ୍ଡାଇ ନେଇ ଫେରାର ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଅଭିଯୁକ୍ତ ଅଜିତକୁ ଉତ୍ତମମଧ୍ୟମ ଦେଇ ପୁଲିସ୍ ଜିମାରେ ଦେଇଥିଲେ। ତେବେ ସାଙ୍ଗରେ ଥିବା ଉମେଶ ଫେରାର ହୋଇଯାଇଥିଲା। କୁଚିଣ୍ଡା ପୁଲିସ କିନ୍ତୁ ଜାଲ ବିଛାଇ ଅନୁଗୁଳ ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏମାନଙ୍କ ସହ ସଂଜିତର ସମ୍ପର୍କ ରହିଥିବା ଖବର ପାଇ ପୁଲିସ ସଂଜିତଙ୍କ ଘରେ ଚଢ଼ଉ କରିଥିଲା। ସଂଜିତ ଘରୁ ପୁଲିସ ବନ୍ଧୁକ ଓ ୩ଟି ଜୀବନ୍ତ ଗୁଳି ଜବତ କରିଛି।

# ପାଞ୍ଚଫୁଟ୍ ହାଇସ୍କୁଲରେ ବିଶ୍ୱ କବିତା ଦିବସ

**ମାନେଶ୍ୱର, ୨୧।୩(ସମିସ)** ମାନେଶ୍ୱର ବ୍ଲକର ପାଞ୍ଚଫୁଟ ଉଚ୍ଚ ବିଦ୍ୟାଳୟରେ ଆକାଂକ୍ଷୀ ପାଠ୍ୟକ୍ରମ ସାହିତ୍ୟ ସୃଜନୀ ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ସୁଶୀଳ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏ ସଭାରେ ସାହିତ୍ୟ ସୃଜନୀ କ୍ଲବର ପରିଚାଳିକା ଓଡ଼ିଆ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଭୋଇ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ପ୍ରଧାନ ଶିକ୍ଷକ ପାଣିଗ୍ରାହୀ କବିତା ଲିଖନ ଓ କାବ୍ୟ କୌଶଳ ସମ୍ବନ୍ଧରେ ବୁଝାଇବା ସହ "ବିଶିଷ୍ଟ କବିଙ୍କ ସଂପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଡନସନା କବିତା ଲିଖନ ପାଇଁ ପୁସ୍ତକ ପଠନ ସହ ସାଧନା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ସଭାରେ ତପସ୍ୱିନୀ ଛୁରିଆ, ବ୍ୟାସଦେବ ରଣା, ସୁପ୍ରଭା ମଲ୍ଲିକ ଙ୍କ ସମେତ ଅନେକ ଛାତ୍ରଛାତ୍ରୀ କବିତା ପାଠ କରିଥିଲେ।



# ବୈଦ୍ୟନାଥ ବାବା ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

**ସମ୍ବଲପୁର, ୨୧।୩(ସମିସ):** ବରେଇପାଲି ବଂଶୀଧର ନଗର ସ୍ଥିତ ବୈଦ୍ୟନାଥ ବାବା ମନ୍ଦିରରେ ଚଳିତ ବର୍ଷ ପ୍ରଥମଥର ପାଇଁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଅବସରରେ ଶତାଧିକ ମହିଳା ଭବ୍ୟ କଳସ ଯାତ୍ରାରେ ଭାଗ ଯୋଗଦାନ କରିଛନ୍ତି। ଏହା ସହ ନାମଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ବୈଦ୍ୟନାଥ ବାବା କମିଟି ତରଫରୁ ଏହି ଯଜ୍ଞର ଆୟୋଜନ କରାଯାଇଛି। ଆସନ୍ତାକାଲି ପୂର୍ଣ୍ଣାହୁତି ଦିଆଯିବା ସହ ଅର୍ଣ୍ଣ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। ଯଜ୍ଞରେ କର୍ତ୍ତା ଭାବେ ସରୋଜ ଲେଙ୍କା ଓ କଳ୍ପନା ଲେଙ୍କା କାର୍ଯ୍ୟ ତୁଲାଇଛନ୍ତି।

# ଧମା ଶିଶୁମନ୍ଦିରରେ କଣ୍ଢେଇ ଦିବସ



**ମାନେଶ୍ୱର, ୨୧।୩(ସମିସ):** ମାନେଶ୍ୱର ବ୍ଲକ ଧମା ଶିଶୁମନ୍ଦିରରେ ଆଜି ଜାତୀୟ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଗଣେଶ୍ୱର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ.ପ୍ରଶାନ୍ତ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ବନ୍ଦନାରାଣୀ ପଣ୍ଡା କଣ୍ଢେଇ ଦିବସର ଉଦ୍ଦେଶ୍ୟ ବିଷୟରେ ବ୍ୟକ୍ତବ୍ୟ ରଖିଥିଲେ। ଶିଶୁ ବାଟିକାର ଆଚାର୍ଯ୍ୟ ବନଜାବାସିନୀ ବେହେରା ବନ୍ଦନା କରିଥିବାବେଳେ ସନ୍ଧ୍ୟା ଭୋଇ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା, ସେବକ, ସେବିକା ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ।

# ମୋବାଇଲ୍ ଦୋକାନରୁ ଚୋରି



**ରେଢ଼ାଖୋଲ, ୨୧।୩(ସମିସ):** ସ୍ଥାନୀୟ ଭୀମଭୋଇ ଛକ ନିକଟସ୍ଥ ଖୁସି ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗତ ବିଳମ୍ବିତ ରାତିରେ ଦୋକାନର ପଛପାଖ କାନ୍ଥ ଭାଙ୍ଗି ଚୋରମାନେ ଚୋରି କରିଥିବା ଜଣାପଡ଼ିଛି। ୫୦/୬୦ଟି ବିଭିନ୍ନ କମ୍ପାନୀର ମୋବାଇଲ ସମେତ ମୋବାଇଲରେ ବ୍ୟବହାର ହେଉଥିବା ବିଭିନ୍ନ ସାମଗ୍ରୀ ଯାହାର ଆନୁମାନିକ ମୂଲ୍ୟ ୧୨/୧୩ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ନେଇ ଦୋକାନ ମାଲିକ ସୋମେନ୍ଦ୍ର ପଣ୍ଡା ରେଢ଼ାଖୋଲ ଥାନାରେ ଅଭିଯୋଗ କଲା ପରେ ପୁଲିସ ସାଇଣ୍ଟିଫିକ୍ ଟମ ସହ ତଦନ୍ତ କରୁଛି।

# ଏବେ କେଉଁଠି ମୁକୁଟବିହୀନ ମଲ୍ଲିକା?

**ସମ୍ବଲପୁର, ୨୧।୩ (ସମିସ)**

ସ୍ୱପ୍ନ ଅସୁମାରୀ ସବୁ ସ୍ୱପ୍ନ ପୂରଣ ହୁଏନି। ତଥାପି ମଣିଷ ସ୍ୱପ୍ନ ଦେଖିବା ଛାଡିନଥାଏ। କେତେବେଳେ ମଣିଷ ନିଜ ପାଇଁ ସ୍ୱପ୍ନ ଦେଖେତ କେତେବେଳେ ସମାଜ ତଥା ଦେଶ ପାଇଁ ସ୍ୱପ୍ନ ଦେଖେ। ହେଲେ ଏମିତି କିଛି ମଣିଷ ଥାଆନ୍ତି ଯେଉଁମାନେ ସମାଜ ତଥା ଦେଶ ପାଇଁ ସ୍ୱପ୍ନ ଦେଖିବା ସହ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥାନ୍ତି। ସମାଜସେବା କରିବା ସହ ରାଜନୀତିର ପଶାପାଲିରେ ନିଜକୁ ହଜାଇ ଦେଇଥାନ୍ତି ସତ ହେଲେ କେବେବି ଲୋକେ ତାଙ୍କର ପରିଶ୍ରମକୁ ବୁଝି ପାରନ୍ତି ନାହିଁ। ଠିକ ସେମିତି ଜଣେ ମୁକୁଟ ବିହୀନ ମଲ୍ଲିକା ହେଉଛନ୍ତି ସମ୍ବଲପୁର ଜିଲ୍ଲା ସୁବନପୁରର ସୁଶ୍ରୀ ଜୟଶ୍ରୀ ମିଶ୍ର। ସବୁବେଳେ ଗରିବ ମଲିମୁଣ୍ଡିଆ ସମାଜରେ ଶୋଷିତ ହେଉଥିବା ତାଙ୍କୁ ବ୍ୟଥିତ କରିଥିଲା। ପଂଚାୟତ ସ୍ତରରେ ନିର୍ବାଚନ ଜିତୁଥିବା ସରପଞ୍ଚ, ୱାର୍ଡ଼ମେମ୍ବର କେବେବି ଗରିବଙ୍କ ଦୁଃଖ ବୁଝନ୍ତିନି ବୋଲି ଭାବି ଜୟଶ୍ରୀ ୧୯୮୮ ମସିହାରେ ନିର୍ବାଚନ ମଇଦାନକୁ ଆସିଥିଲେ। ତେବେ ଜନସେବାରେ ଏତେ ମଜ୍ଜି ଯାଇଥିଲେ ସେ ନିଜର ସଂସାର ବସାଇବା ବି ଭୁଲି ସାରିଥିଲେ ଜୟଶ୍ରୀ। ଫଳରେ ୨୦୦୦ ମସିହାରେ ସେ ଘର ଛାଡ଼ି ସମ୍ବଲପୁର ଆସିଥିଲେ। ମୁଣ୍ଡରେ ଫୁଟି କଉଡ଼ି ନଥିଲା କି ମୁଣ୍ଡ ଉପରେ ଛପର ନଥିଲା। କେବେ ଜିଲ୍ଲାପାଳ ଅଫିସ ବାରଣ୍ଡା ତ କେବେ କୋର୍ଟ ବାରଣ୍ଡାରେ ରାତି କାଟୁଥିଲେ ଜୟଶ୍ରୀ। ଦିନ ତମାମ ଏ ଅଫିସରୁ ସେ ଅଫିସ ବୁଲି ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ଉଦ୍ୟମ କରୁଥିଲେ। ଏନେଇ ଜୟଶ୍ରୀ ଥରେ ୱାର୍ଡ଼ମେମ୍ବର, ଥରେ ସରପଂଚ, ୫ ଥର ବିଧାୟିକା ପ୍ରାର୍ଥୀ, ଥରେ ସାଂସଦ ପାଇଁ ମଧ୍ୟ ନାମାଙ୍କନ ଦାଖଲ କରିଥିବା ବେଳେ ଅନ୍ୟ ପ୍ରତ୍ୟକ୍ଷ ନିର୍ବାଚନରେ ପ୍ରାର୍ଥୀ ଥିଲେ। ସବୁକୁ ମିଶାଇ ଜୟଶ୍ରୀ ମୋଟ ୧୪ ଥର ପ୍ରତିଦ୍ୱନ୍ଦିତା କରିଛନ୍ତି। ହେଲେ କେବେ ସେ ବିଜୟର ସ୍ୱାଦ ଚାଖି ନାହାନ୍ତି। ନିର୍ବାଚନ ଆସିଲେ ସେ ବେଶ୍ ଆଗଭର ହେଉଥିବା ବେଳେ ଆଗକୁ ରହିଛି ୨୦୨୪ ସାଧାରଣ ନିର୍ବାଚନ। ହେଲେ ଏଥର କିନ୍ତୁ ଜୟଶ୍ରୀଙ୍କ ଦେଖା ବି ମିଳିନାହିଁ। ମଝିରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଠିକ୍ ନଥିବା କଥା ଶୁଣିବାକୁ ମିଳିଥିଲା। ଏପରିକି ପ୍ରଶାସନ ତାଙ୍କ ଅସହାୟ ସମୟରେ ସାହାଯ୍ୟ କରିନଥିବା ଜୟଶ୍ରୀ କହୁଥିଲେ। ହେଲେ ଏବେ ସେ କେଉଁଠି ବୋଲି ସମସ୍ତେ ପଚାରୁଛନ୍ତି। ଟଙ୍କା ପଇସା ନଥିଲେ ବି ନିର୍ବାଚନରେ ପ୍ରାର୍ଥୀ ହେବା ସମ୍ଭବ ଏକଥା ସେ ସମସ୍ତଙ୍କୁ ବାର୍ତ୍ତା ଦେବା ସହ ଯୁବପୀଢ଼ି ରାଜନୀତିକୁ ଆସି ନୂଆ ଯୁଗ ଆରମ୍ଭ କରନ୍ତୁ ବୋଲି ସବୁ ବେଳେ କହୁଥିଲେ। ସାଂପ୍ରତିକ ରାଜନୀତିର ତାଙ୍କର ଅନୁପସ୍ଥିତିକୁ ଏବେ ସମସ୍ତେ ମନେ ପକାଉଛନ୍ତି।

**■ ୧୪ ଥର ପ୍ରାର୍ଥୀ ହୋଇଛନ୍ତି**
**■ ଭାଗ୍ୟରେ ନଥିଲା ରାଜଭୋଗ**



ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୵କୃଷ୍ଣପ୍ରୀୟା ମିଶ୍ର
ଆବିର୍ଭାବ: ୦୯.୦୮.୧୯୪୪ | ତିରୋଧାନ: ୧୬.୦୩.୨୦୨୨
ତିଥିରେ ଆଜିକୁ ଦୁଇ ବର୍ଷ ର ତୋର ଆବର୍ତ୍ତମାନର ଦୁଃଖ ଯନ୍ତଣା ଆମକୁ ଆନ୍ଦୋଳିତ କରୁଛି। ତୁ ଆମ ପାଇଁ ମାର୍ଗ ଦର୍ଶନ କରିବା ସହିତ ତୋ ପଦାଙ୍କ ଅନୁସରଣ ପାଇଁ ଆଶୀର୍ବାଦ କରୁଥା, ଏତିକି ତୋ ପାଖରେ କାମନା।
ଶୋକସନ୍ତପ୍ତ :- ପୁତ୍ର-ଶମ୍ଭୁ ପ୍ରସାଦ, ଶକ୍ତି ପ୍ରସାଦ, ଝିଅ-ସଂଘମିତ୍ରା, ସ୍ୱର୍ଣ୍ଣମିତ୍ରା, ସୁଖମିତ୍ରା ଓ ଲୁନା ଓ ପରିବାରବର୍ଗ।

# ଚାଲାଣ ବେଳେ ୩ ଗିରଫ; ଗଞ୍ଜେଇ ଜବତ



**ବରଗଡ଼, ୨୧।୩(ସମିସ):** ବରଗଡ଼ ଟାଉନ ଥାନା ପୁଲିସ ବେଆଇନ ଗଞ୍ଜେଇ ଚାଲାଣ ବେଳେ ରେଲୱେ ଷ୍ଟେସନ ରାସ୍ତାରୁ ୩ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ସୋନପୁର ଜିଲ୍ଲା ତରଭା ଚିରଗୁଡ଼ିମହନ ଗାଁର ଆଶିଷ ସେଲମା, ବିକାପଦର ଗାଁର ଅଶାନ୍ତ ଗୁରୁ ଏବଂ ଭଦ୍ରକ ଚାନ୍ଦବାଲିର ବିଜୟ ଦାସ ବୋଲି ଜଣାପଡ଼ିଛି। ପୁଲିସ ସେମାନଙ୍କଠାରୁ ୮ଟି ପେକେଟରେ ଥିବା ୧୫ କେଜି ଗଞ୍ଜେଇ ଜବତ କରିଛି। ବେଆଇନ ଗଞ୍ଜେଇ ଚାଲାଣକାରୀମାନେ ସଡ଼କ ପଥ ଏବେ ସୁରକ୍ଷିତ ନ ଥିବା ବେଳେ ସେମାନେ ଟ୍ରେନ ଯାତ୍ରୀ ଭାବେ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଦେଖିବାକୁ ମିଳୁଛି। ପୁଲିସ ପ୍ରଶାସନ ମଧ୍ୟ ଏଥିପ୍ରତି ସତର୍କ ଦୃଷ୍ଟି ଦେଇ ବରଗଡ଼ ରେଲୱେ ଷ୍ଟେସନ ରାସ୍ତାରୁ ଉପରୋକ୍ତ ୩ ଜଣ ଯୁବକଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇ ଟ୍ରେନ ଯୋଗେ ଭଦ୍ରକ ଚାଲାଣ ହେବାକୁ ଥିବା ସୂଚନା ମିଳିଛି। ଏନେଇ ବରଗଡ଼ ଟାଉନ ଥାନା ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଏହି ଚଢ଼ଉରେ ବରଗଡ଼ ଟାଉନ ଥାନାଧିକାରୀ ସତ୍ୟଜିତ କାଣ୍ଡେଲକର, ଏଏସଆଇ ରଶ୍ମିରଞ୍ଜନ ହୋତା, ଏଏସଆଇ ଯାଦବ ବାଗଙ୍କ ସମେତ ବହୁ ପୁଲିସ ଅଧିକାରୀ ସାମିଲ ଥିଲେ।

# ୧୬୫ କଳାକାର ସହାୟତାରୁ ବଞ୍ଚିତ ଅଭିଯୋଗ

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପଠାଇଲେ

**ଅମ୍ବାଭୋନା, ୨୧।୩(ସମିସ)**

ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ସକାଶେ ୨୦୨୨ରେ କଳାକାର ଚୟନ ପ୍ରକ୍ରିୟା ହୋଇଥିଲା। ପୁନଃ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ବିଜ୍ଞାପନରେ ପ୍ରତୀକ୍ଷିତ କଳାକାରଙ୍କ ଆବେଦନ ନେଇ ସହାୟତା ଦେବା ବଦଳରେ ଉପହାସ କରାଯାଉଛି ବୋଲି ଅମ୍ବାଭୋନା ବ୍ଲକ୍ କଳାକାର ସଂଘ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଅମ୍ବାଭୋନା ବିଡିଓ ଶଙ୍କର ବାଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାକାର ସମୂହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅମ୍ବାଭୋନା ବ୍ଲକ୍‌ରେ ୧୬୫ ଜଣ ପ୍ରତୀକ୍ଷିତ



କଳାକାର ସହାୟତା ପାଇବାରୁ ବଞ୍ଚିତ ରହି ଯାଇଥିବା ଅଭିଯୋଗ ହୋଇଛି। ଏଥିରୁ କଳାକାର ମହଲରେ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ ପୂର୍ବ ଚୟନ ପ୍ରକ୍ରିୟାକୁ ଆଖି ଆଗରେ ରଖି ତୁରନ୍ତ ମୁଖ୍ୟମନ୍ତ୍ରୀ ସହାୟତା ପ୍ରଦାନ କରାଯିବାକୁ ସେମାନେ ଅନୁରୋଧ କରିଛନ୍ତି। ଚିଚୋଲି-ଭୁକ୍ତା ମହିମାଶ୍ରମଠାରେ ଗୁରୁବାର ଜୟଜଗନ୍ନାଥ ସଂଗୀତ କଳା ପରିଷଦ ଆହ୍ୱାନକ୍ରମେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଆବେଦନ କରିଥିବା କଳାକାରଙ୍କ ଏକ ସଭା ହୋଇଥିଲା। ବରିଷ୍ଠ କଳାକାର ନାଗାର୍ଜୁନ ସାହୁ ସଭାପତିତ୍ୱ କରିଥିଲେ। କଳା ପରିଷଦର ସଂପାଦକ ରବିଶଙ୍କର ବେହେରା, ସହସଂପାଦକ ଚନ୍ଦ୍ରମଣି ବେହେରା, ବରିଷ୍ଠ କଳାକାର ମହେନ୍ଦ୍ର ପଧାନ, ଗୌତମ ଦୁଆନ, କୁମାର ପଟେଲ ପ୍ରମୁଖ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ନୂତନ ଉପସଭାପତି ବରିଷ୍ଠ କଳାକାର ରବିଶଙ୍କର ବେହେରାଙ୍କୁ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ କରି ବିଡିଓଙ୍କଠାରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ୧୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଦାସକାଠିଆ, ପାଲା, ସଂକୀର୍ତ୍ତନ, ସମ୍ପ୍ରଦା, ସଂଗୀତ ଓ ବାଦ୍ୟ, କରମା, ଖଞ୍ଜଣୀ, ଦୁଲଦୁଲୀ, ଠିକଡି ବାଦ୍ୟ, କୃଷ୍ଣଗୁରୁ, ଶବରୀ ନୃତ୍ୟ, ମଞ୍ଚକଳାକାର ଦୁଲୁଦୁଲୀ ଆଦି କଳାକାର ଗଣ ଉପସ୍ଥିତ ଥିଲେ।

# ଟ୍ରକ୍ ଭଙ୍ଗାରୁଜା, ଚାଳକଙ୍କୁ ମାଡ଼ ସହ ଲୁଟ୍; ଜଣେ ଅଟକ

**ବରଗଡ଼, ୨୧।୩(ସମିସ):** ସିମେଣ୍ଟ ଲୋଡ୍ ପାଇଁ ଛିଡା ହୋଇଥିବା ଟ୍ରକଗୁଡିକୁ ଭଙ୍ଗାରୁଜା କରିବା ଏବଂ ଡ୍ରାଇଭରକୁ ମାଡ଼ ମାରି ଲୁଟ୍ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଗୁରୁବାର ସକାଳ ପ୍ରାୟ ସାଢ଼େ ୪ଟାରେ ଏସିସି କାରଖାନାରେ ସିମେଣ୍ଟ ଲୋଡିଂ ପାଇଁ ତିନୋଟି ଟ୍ରକ ପହଞ୍ଚି ଛିଡା ହୋଇଥିବାବେଳେ କେତେକ ଯୁବକ ସେଠାକୁ ପହଞ୍ଚି ଗାଡିଗୁଡିକର କାଚ ଭାଙ୍ଗିଥିଲେ। ଡ୍ରାଇଭରକୁ ମାରଣାସ୍ତ୍ର ଦେଖାଇ ଟଙ୍କା ମୋବାଇଲ ଲୁଟି ନେଇଥିଲେ। ସେହିପରି ସକାଳ ୮ଟାରେ ଗାଡିଗୁଡିକ ବାହାରିବା ସମୟରେ ପୁଣି ଗୋଟିଏ ଗାଡିକୁ ଅଟକାଇ ଲୁଟ କରୁଥିବା ବେଳେ କାରଖାନାର ସିକ୍ୟୁରିଟି ଗାର୍ଡ ସେମାନଙ୍କ ମଧ୍ୟରୁ ଜଣେ ଯୁବକକୁ କାବୁ କରିବାରେ ସକ୍ଷମ ହୋଇଥିଲା। ଏନେଇ ବରଗଡ଼ ଜିଲ୍ଲା ଟ୍ରକ ମାଲିକ ସଂଘ ତରଫରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ସହ ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଅପରପକ୍ଷେ ଟାଉନ ଥାନା ପୁଲିସ ଉକ୍ତ ଯୁବକକୁ ଅଟକ ରଖି ତଦନ୍ତ ଜାରି ରଖିଛି। ଏଠାରେ ସୂଚନାଯୋଗ୍ୟ ଯେ ସମ୍ପୃକ୍ତ ଯୁବକମାନେ ନିଶାସକ୍ତ ଅବସ୍ଥାରେ ଥିବା ବେଳେ ଦିନକୁ ଦିନ ସହରରେ ନିଶା କାରବାର ଯୋଗୁଁ ଲୁଟ, ରାହାଜାନୀ ପରି ଘଟଣା ବଢ଼ିବାରେ ଲାଗିଛି। ବରଗଡ଼ ପୁଲିସ ନିଶା କାରବାର ତଥା ବେପାରୀମାନଙ୍କ ଉପରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।



# ଶିଶୁ ମନ୍ଦିରରେ କଣ୍ଢେଇ ଦିବସ ପାଳିତ

**ପଦ୍ମପୁର, ୨୧।୩ (ସମିସ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁ ବାଟିକା ବିଭାଗର ନୂତନ ଶିକ୍ଷାବର୍ଷ ପାଇଁ ଘର ହିଁ ବିଦ୍ୟାଳୟ ଚତୁର୍ଥ ପର୍ଯ୍ୟାୟ ସହ ଗୁରୁବାର କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ଦେଇଥିଲେ। ସଂକୁଳ ଶିଶୁ ବାଟିକା ପ୍ରମୁଖ ସୁଜାତା ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ। ଲିଲି ଗୁରୁମା ସଂଯୋଜନା କରିଥିବା ବେଳେ ଶିଶୁ ବାଟିକା ବିଭାଗର ଗୁରୁଜୀ ଗୁରୁମା'ଙ୍କ ଦ୍ୱାରା ହିନ୍ଦୁ ରୀତିନୀତିରେ ଜନ୍ମଦିନ ପାଳନ କରାଯାଇଥିଲା। ସଭାପତି ପୃଥିରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୭୮ ଜଣ ନୂତନ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। କଣ୍ଢେଇ ଦିବସ ପାଳନ ଅବସରରେ ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ତୂଳା, ମାଟି,କପଡ଼ା ଓ କାଠରେ ତିଆରି କଣ୍ଢେଇଗୁଡିକ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନରେ ଶିଶୁ ବାଟିକା ବିଭାଗର ଭାଇ ଭଉଣୀ ଓ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।



## ■ ଭଟଲି ଶ୍ୟାମବାବାଙ୍କ 'ଫଗୁନ୍ ମେଲା'

# ସାନିଧ୍ୟ ଲାଭକଲେ ବରଗଡ଼ ବିଧାୟକ



**ବରଗଡ଼, ୨୧।୩(ସମିସ):** ଫାଲଗୁନ ଶୁକ୍ଲପକ୍ଷ ଏକାଦଶୀ ତିଥିରେ ବରଗଡ଼ ଜିଲ୍ଲା ଭଟଲି ବ୍ଲକ କୁଶନପୁରିଠାରେ ଶ୍ରୀ ଶ୍ରୀ ଶ୍ୟାମ ବାବାଙ୍କ ଫଗୁନ୍ ମେଳା ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟରୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଏହି ମେଳାରେ ଯୋଗ ଦେଇ ବାବାଙ୍କ ସାନିଧ୍ୟ ଲାଭ କରିଥିଲେ। ବିଧାୟକ ଆଚାର୍ଯ୍ୟ ଶ୍ରୀ ଶ୍ୟାମ ବାବାଙ୍କ ପୂଜାଅର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ। ରମେଶ ଅଗ୍ରୱାଲ, ନିଲେଶ ମିତ୍ତଲ, କିଶୋର ଅଗ୍ରୱାଲ, ସନ୍ଦୀପ ସାୱଡିଆ ପ୍ରମୁଖ ଶ୍ୟାମ ଭକ୍ତ ବାବାଙ୍କ ଦରବାରରେ ଆଶୀର୍ବାଦ କାମନା କରିଥିବା ବେଳେ ଏହି ଅବସରରେ ଗୋପାଳ ଅଗ୍ରୱାଲ, ପ୍ରତାପ ଅଗ୍ରୱାଲ, ଅଭିଷେକ ଅଗ୍ରୱାଲ ପ୍ରମୁଖ କମିଟି ସଦସ୍ୟବୃନ୍ଦ ବିଧାୟକ ଆଚାର୍ଯ୍ୟଙ୍କ ସମେତ ଉପସ୍ଥିତ ଥିବା ସମସ୍ତ ଶ୍ୟାମ ଭକ୍ତଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।




ପଦ୍ମପୁର ଓ ଘେଁସ ରେଞ୍ଜ ଅଧୀନସ୍ଥ ଝାଞ୍ଜ ପାହାଡ଼ରେ ନିଆଁ ଲାଗିଥିଲା।

# ଖଲିଆପାଲିରେ ଶ୍ରୀ ଶ୍ରୀରାମଜୀ ମନ୍ଦିରର ଜୀର୍ଣ୍ଣୋଦ୍ଧାର ପ୍ରତିଷ୍ଠା



**ବରଗଡ଼, ୨୧।୩(ସମିସ):** ବରଗଡ଼ ସଦର ବ୍ଲକ ଖଲିଆପାଲି ଗ୍ରାମରେ ଶ୍ରୀ ଶ୍ରୀ ରାମଜୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ତିନି ଦିନ ବ୍ୟାପୀ ଏହି ସମାରୋହର ପ୍ରଥମ ଦିବସରେ କଳସ ଯାତ୍ରା ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ଏଥିରେ ପ୍ରଶାନ୍ତ ଦୋରା ଏବଂ ପତ୍ନୀ ଜୁଲି ଦୋରା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ଟିକେଶ୍ୱର ମହାପାତ୍ର, ପଣ୍ଡିତ ଶୁଭେନ୍ଦୁ ଷଡଙ୍ଗୀ, ପଣ୍ଡିତ ଗୋପୀନାଥ ଦାଶ ଏବଂ ସହଯୋଗୀମାନେ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମନ୍ଦିର ପ୍ରତିଷ୍ଠା କମିଟିର ନରେନ୍ଦ୍ର ନାୟକ, କାର୍ତ୍ତିକ ମଟାରୀ, ବାବୁଲ ଦୋରା, ହେମସାଗର ବାଗ, ନାରାୟଣ ଷଣ୍ଡ, ରମେଶ ମହାପାତ୍ର, ପ୍ରଶାନ୍ତ ଷଣ୍ଡ, ନନ୍ଦନ ଦୋରା, ଅଜୁ ଭୋଇ, ରାମ ଭୋଇଙ୍କ ସମେତ ଖଲିଆପାଲି ଗ୍ରାମବାସୀ ସହଯୋଗ କରୁଛନ୍ତି। ଆସନ୍ତା ଦୁଇ ଦିନ ଧରି ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତ୍ୟହ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି।

# ଭେରୁଆମୁଣ୍ଡାରେ ଷୋହଳ ପ୍ରହରୀ

**ପାଇକମାଳ, ୨୧।୩ (ସମିସ):** ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଭେରୁଆମୁଣ୍ଡାରେ ଷୋହଳ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତା ଭାବରେ ରଞ୍ଜନ ମାଝୀ ଓ ମୁକ୍ତାଦେଇ ମାଝୀ ପୂଜାରେ ବସିଥିଲେ। ପୂଜକ ସନ୍ତୋଷ ପାଢ଼ୀ ଓ ସୁବାସ ପାଢ଼ୀ ପୂଜା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ନାମଯଜ୍ଞରେ ଆଖପାଖରୁ ଗୋଠୁର୍ଲା, ଗୌଡମାଲ, ଧଉରାଭଟା, କର୍ଚିଚୁଆ, କୋକନରା, କର୍ଲାମାଲ ଓ ଭେରୁଆମୁଣ୍ଡା ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି। ସମସ୍ତ ଭକ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଛି। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଶୁକ୍ରବାର ନାମଯଜ୍ଞର ପୂର୍ଣ୍ଣାହୂତି ପଡ଼ିବ।

# ପିଆର୍‌ସିସି କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**ପଦ୍ମପୁର, ୨୧।୩ (ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ କବିବରପୁର ଗ୍ରାମରେ ପିଆର୍‌ସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୮ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ଉଦଯାପିତ ହୋଇଯାଇଛି। ମୋଟ ୧୬ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ବେଳେ ବଗାଇଜୁରି ଓ କବିବରପୁର ଫାଇନାଲ ମ୍ୟାଚ୍ କୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚରେ ଟସ୍ ଜିତି ପ୍ରଥମେ ବଗାଇଯୁରି ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଜବାବରେ କବିବରପୁର ୯ ଉଇକେଟ ହରାଇ ୫୮ ରନ୍ କରିବାରେ ସକ୍ଷମ ହୋଇଥିଲା। ଏହି ମ୍ୟାଚ୍ ବଗାଇଯୁରୀ ଅତି ସହଜରେ ଜିତି ଚାମ୍ପିଅନ ହୋଇଥିବା ବେଳେ ବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ରନର୍ସଅପ୍ ଦଳ ପାଇଁ ଟ୍ରଫି ସହ ୬ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଫାଇନାଲରେ ବଗାଇଯୁରୀର ରିତେନ୍ ସର୍ବାଧିକ ୭୪ ରନ ସଂଗ୍ରହ କରିଥିବାରୁ ମ୍ୟାନ ଅଫ ଦ ମ୍ୟାଚ୍ ହୋଇଥିଲେ। ବଗାଇଯୁରିର ଚୁଡ଼ା ମ୍ୟାନ ଅଫ ଦ ସିରିଜ୍ ପୁରସ୍କାର ପାଇଥିଲେ।



# ଗ୍ରୀଣ୍ଡୋଲା ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ସମ୍ପନ୍ନ

**ବରପାଲି, ୨୧।୩ (ସମିସ):** ବରପାଲି ବ୍ଲକ ବରମକେଲା ପଞ୍ଚାୟତ ଗ୍ରୀଣ୍ଡୋଲା ଗ୍ରାମର ବୃଦ୍ଧା ଆଶ୍ରମ ପରିସରରେ ଆୟୋଜିତ ପଞ୍ଚାୟତସ୍ତରୀୟ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଯାଇଛି। ପୂଜା କର୍ତ୍ତା ଭାବରେ ଅଶ୍ୱିନୀ ସାହୁ, ପଞ୍ଚାନନ ରାଉତ, ଦେବେନ୍ଦ୍ର ମହାକୁର, ବାଲମକୁନ୍ଦ ବାରିକ, ସୁରେନ୍ଦ୍ର ପଟେଲ, ଉମାକାନ୍ତ ବାରିକ, ରମେଶ ମେହେର, ସ୍ୱାହାନ ଭୁଏ, ଲବ ପଟେଲ, ଅନ୍ତର୍ଯ୍ୟାମୀ ଶତପଥୀ, ପରଦେଶୀ ବାରିକ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୪ ଜଣଙ୍କ ମୁଣ୍ଡନ ସଂସ୍କାର ସହ ୬ ଜଣଙ୍କ ଗର୍ଭଉତ୍ସବ ସଂସ୍କାର, ୪ ପୁଅ ଓ ଝିଅ ମାନଙ୍କର ବିଦ୍ୟା ଆରମ୍ଭ ସଂସ୍କାର, ୯ ଜଣଙ୍କର ଗାୟତ୍ରୀ ବିଦ୍ୟା ସଂସ୍କାର କରାଯାଇଥିଲା। ଯଜ୍ଞ ସଞ୍ଚାଳନ ଯୁଗ ସଙ୍ଗୀତ ପ୍ରବୋଚନ କରିଥିଲେ। ପ୍ରେମାନନ୍ଦ ହୋତା, ମିନକେତନ ପାତ୍ର, କୁମ୍ଭାରୀ ଗ୍ରାମର ପ୍ରଶାନ୍ତ ସେଠ, ସରୋଜ ପଧାନ, ଅଶ୍ୱିନୀ ସାହୁ, ବେଦବର ପଧାନ, ନୃସିଂହ ପଧାନ ଏବଂ ମହିଳାଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା। ଗାୟତ୍ରୀ ପରିବାରର ସଦସ୍ୟ ନାରେନ୍ଦ୍ର ପଟେଲ ବୈବସ୍ୱତ ପଧାନ, ବିଶ୍ୱାମିତ୍ର ଷାଣ୍ଢ, ବୀରେନ୍ଦ୍ର ଖୁଣ୍ଟିଆ, ରଜତ ପଧାନ, ଉର୍କୁଲୁ ଷାଣ୍ଢ, ପୁଷ୍ପାଞ୍ଜଳି ସେଠ, ଦୁତିକା ସେଠ, ଏବଂ ଅଞ୍ଚଳବାସୀ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।



# ପଦ୍ମପୁର ଓ ଅମ୍ବାଭୋନା ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ଅମ୍ବାଭୋନା/ପଦ୍ମପୁର, ୨୧।୩(ସମିସ)**

ଚଳିତ ସାଧାରଣ ନିର୍ବାଚନ ଦୃଷ୍ଟିରୁ ଅମ୍ବାଭୋନା ଥାନାଞ୍ଚଳରେ ପୁଲିସ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବିଧାନସଭା ଓ ଲୋକସଭା ନିର୍ବାଚନ ପ୍ରକ୍ରିୟାକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରାଯିବାକୁ ନିର୍ବାଚନ ଆୟୋଗ ପକ୍ଷରୁ ଆଚରଣ ବିଧି ମଧ୍ୟ ଲାଗୁ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ଲୋକସଭା ଆସନ ଓ ଭଟଲି ବିଧାନସଭା ଆସନ ପାଇଁ ଆଶାୟୀଙ୍କ ମଧ୍ୟରେ ରାଜନୈତିକ ଉଷ୍ମତା ଲାଗିରହିଛି। ଗୁରୁବାର ଅମ୍ବାଭୋନା ପୁଲିସ ତରଫରୁ ଭୁକ୍ତା-ପ୍ରକାଶପୁର, ରୁଚିଦା, ଚିଚୋଲି, ବଡଧରା, କଣ୍ଡପଲା, କପାଶିରା, ଅମ୍ବାଭୋନା ଆଦି ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। କାହାରି ବିନା ପ୍ରରୋଚନାରେ କିମ୍ବା ପ୍ରଲୋଭନରେ ପଡ଼ି ଏକ ସୁସ୍ଥ ଗଣତନ୍ତ୍ର ପାଇଁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ଭୋଟ ଦେବାକୁ ଭୋଟରମାନଙ୍କୁ ସଚେତନ ମଧ୍ୟ କରିଥିଲେ। ସେହିପରି ପଦ୍ମପୁର ଥାନାଧିକାରୀ ମମତା ନାଏକଙ୍କ ତତ୍ୱାବଧାନରେ ଗୁରୁବାର ସକାଳେ ପଦ୍ମପୁରଠାରୁ କଡାକଡ଼ି ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ପଦ୍ମପୁର ଥାନା ଅନ୍ତର୍ଗତ ବରିହାପାଲି, ପତ୍ରାପାଲି, ମହୁଲପାଲି ସମେତ ପଦ୍ମପୁର ଟାଉନରେ ଏହା କରାଯାଇଥିଲା। ପଦ୍ମପୁର ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ କୌଣସି ରାଜନୈତିକ ଦଳ ଯେପରି ସାଧାରଣ ଜନତାଙ୍କୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଦେଇ ପ୍ରଲୋଭିତ ଲୋଭ ଦେଖାଇ ପ୍ରଭାବିତ ନ କରି ପାରନ୍ତି ଏହା ଉପରେ ନଜର ରଖାଯିବା ପାଇଁ ପଦକ୍ଷେପ ନିଆଯାଇଛି।



# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ସଚେତନତା

**ପାଇକମାଲ, ୨୧।୩ (ସମିସ):** ଗ୍ରୀଷ୍ମ ଋତୁରେ ଜଙ୍ଗଲକୁ ନିଆଁ ଲାଗିବାଠାରୁ ରକ୍ଷା କରିବାକୁ ତଥା ଔଷଧିୟ ଗୁଳ୍ମ, ସରୀସୃପ, ବନ୍ୟପ୍ରାଣୀ, ପକ୍ଷୀ ଓ ପକ୍ଷୀ ଶାବକଙ୍କୁ ରକ୍ଷା କରିବାକୁ ଝାରବନ୍ଧ ବ୍ଲକର ପଲ୍ଲିପାନି, ସୂର୍ଯ୍ୟମଣିପୁର, ନାଲିପାନି, ଦାଓପାଲି, କୁର୍ଲୁପାଲି ଏବଂ ଅନ୍ୟାନ୍ୟ ଗ୍ରାମରେ ଜନ କଲ୍ୟାଣ ସେବା ଟ୍ରଷ୍ଟ ଏବଂ ନେଚର୍ ବ୍ଲେସିଂ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସଚେତନତା ସଭା ମାନ ଆୟୋଜିତ ହୋଇଥିଲା। ସଭାରେ ଟ୍ରଷ୍ଟର ପ୍ରତିଷ୍ଠାତା ଏବଂ ସଭାପତି ମୁକୁନ୍ଦ ଦାଶ ତଥା ବିଶିଷ୍ଟ ସମାଜସେବୀ ପରିବେଶବିତ୍ ଡ. ସୁଜିତ ଶତପଥୀଙ୍କ ସହଯୋଗୀଙ୍କ ସହିତ ନେଚର୍ ବ୍ଲେସିଂ ଟ୍ରଷ୍ଟର କର୍ମକର୍ତ୍ତା କିଶୋର ଯାଦବ, ଅନି ମହାପାତ୍ର, ମମତା ସାହୁ, ଗୋବିନ୍ଦ ବାଗ, ଗଣେଶ ରାମ ସୁନା ଉପସ୍ଥିତ ଥିଲେ। ସଭାକୁ କେନ୍ଦୁଲିଫ ଫରେଷ୍ଟର ସ୍ନେହଲତା ଯାଦବ ପରିଚାଳନା କରି ଜୈବ ବିବିଧତାର ରକ୍ଷା କରି ଜଙ୍ଗଲର ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ।



# ଗଭୀର ନଳକୂପ ଖନନ ବୃଦ୍ଧି ସହ କମୁଛି ଭୂତଳ ଜଳସ୍ତର

ବରଗଡ଼, ୨୧।୩(ସମିସ)

ବରଗଡ଼ ସହରରେ ଥିବା ଜଳାଶୟଗୁଡିକ ଧୀରେ ଧୀରେ ଅସ୍ତିତ୍ୱ ହରାଉଥିବା ସହ ଭୂତଳ ଜଳସ୍ତର ଆଶାତୀତ ଭାବେ ହ୍ରାସ ପାଉଛି। ଗୋଟିଏ ପରେ ଗୋଟିଏ ଜଳାଶୟ ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇଛି। ପ୍ରଶାସନ ତରଫରୁ ଏହାର ପୁନରୁଦ୍ଧାର ପାଇଁ ସେପରି କିଛି ଆଖିଦୃଶିଆ



ପଦକ୍ଷେପ ନିଆଯାଇପାରୁନାହିଁ। ସେହିପରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବହୁ ମାତ୍ରାରେ ଗଭୀର ନଳକୂପ ଖନନ ଯୋଗୁଁ ମଧ୍ୟ ଭୂତଳ ଜଳସ୍ତର କମିବାକୁ ଲାଗିଛି। ଏପରି ସ୍ଥିତିରେ ଆଗାମୀ ଦିନରେ ବର୍ଷା ଜଳ ସଂରକ୍ଷଣ ଏକ ଆହ୍ୱାନ ପାଲଟିବ। ନଚେତ ବରଗଡ଼ ଜିଲ୍ଲାରେ ମଧ୍ୟ ଆଗାମୀ ଦିନରେ ଜଳ ସମସ୍ୟା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହେବ। ଶୁକ୍ରବାର ବିଶ୍ୱ ଜଳ ଦିବସ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ବରଗଡ଼ ଜିଲ୍ଲାର ଜଳାଶୟ ପୁନରୁଦ୍ଧାର, ବିଶେଷକରି ଏହାର ସଂରକ୍ଷଣର ଗୁରୁତ୍ୱ ବୃଦ୍ଧି ପାଇଛି।

ପଶ୍ଚିମ ଓଡ଼ିଶାର ଅନ୍ୟତମ ବ୍ୟବସାୟିକ ତଥା କୃଷି କ୍ଷେତ୍ରରେ ଅଗ୍ରଣୀ ଜିଲ୍ଲା ଭାବରେ ପରିଚିତ ବରଗଡ଼। ଜିଲ୍ଲାରେ କେତେକାଂଶ ଅଞ୍ଚଳ ହୀରାକୁଦ କମାଣ୍ଡ ଏରିଆ ଦ୍ୱାରା ଜଳସେଚିତ ହେଉଛି। ସେହିପରି ପଦ୍ମପୁର ଉପଖଣ୍ଡ ସହ ଅମ୍ବାଭୋନା ଓ ଭଟଲି ବ୍ଲକ ବର୍ଷା ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ବରଗଡ଼ ସହର ଏକ ବିରାଟ ପଥର ଚଟାଣ ଉପରେ ଅବସ୍ଥିତ ଏବଂ ଏହାର ଉଭୟ ପାର୍ଶ୍ୱରେ ଜୀରା ଓ ଦନ୍ତା ନଦୀ ପ୍ରବାହିତ ହେଉଥିଲେ ମଧ୍ୟ କୋଉ ଆବାହମାନ

**ଆଜି ବିଶ୍ୱ ଜଳ ଦିବସ**

**ପୋତି ହେଉଛି ବନ୍ଧ, ପୋଖରୀ**

କାଳରୁ ସହରରେ ଜଳ ସମସ୍ୟ ରହି ଆସିଛି। ଯାହାକୁ ଦୃଷ୍ଟିରେ ରଖି ସହରରେ ପାନୀୟଜଳ ଅସୁବିଧା ଦୂର କରିବା ପାଇଁ ବହୁ ସଂଖ୍ୟାରେ ବନ୍ଧ କଟା ତଥା ପୋଖରୀ ଖୋଳାଯାଇଥିଲା। ୫ଟି ବୃହତ କଟା ସମେତ ୨୨ଟି ଏଭଳି ଛୋଟ ବଡ଼ ବନ୍ଧ ବା ପୋଖରୀ ଥିବା ବେଳେ ସେଗୁଡିକ ମଧ୍ୟରୁ ଅନେକ ପୋଖରୀର ଅସ୍ତିତ୍ୱ ଲୋପ ପାଇଛି। ସେହି ବନ୍ଧଗୁଡ଼ିକ ପାଣି ସଂରକ୍ଷଣ କରିବା ସହିତ ଭୂତଳ ଜଳ ଉତ୍ସକୁ ସନ୍ତୁଳନ କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ସେ ସମୟରେ ସହରରେ ଏତେଟା ପାଣି ସମସ୍ୟା ନ ଥିଲା। ତେବେ ବରଗଡ଼ର ଜନସଂଖ୍ୟାରେ ବୃଦ୍ଧି ପାଇବା ସହ ଉପରୋକ୍ତ ବନ୍ଧ କଟା ତଥା ପୋଖରୀକୁ ଜବରଦଖଲ କାରୀମାନଙ୍କ ଲୋଲୁପ ଦୃଷ୍ଟି ବାଦ ପଡ଼ି ନ ଥିଲା। ଯେଉଁଥିପାଇଁ ଆଜି ଅନେକ ପୋଖରୀ ନିଜର ଅସ୍ତିତ୍ୱ ହରାଇ ବସିଛି। ଅନୁରୂପ ଭାବେ ବରଗଡ଼, ଅତାବିରା, ବରପାଲି, ଭେଡେନ ବ୍ଲକ ହୀରାକୁଦ ବନ୍ଧରୁ କେନାଲ ଦ୍ୱାରା ପାଣି ଜଳସେଚିତ ହେଉଛି। ତେବେ ପଦ୍ମପୁର ଉପଖଣ୍ଡର ପଦ୍ମପୁର, ପାଇକମାଲ, ଝାରବନ୍ଧ, ବିଜେପୁର, ଗାଇସିଲେଟ ସହ ବରଗଡ଼ ଉପଖଣ୍ଡର ଅମ୍ବାଭୋନା ଏବଂ ଭଟଲି ବ୍ଲକ ସମ୍ପୂର୍ଣ୍ଣ ଭାବେ ବର୍ଷା ଜଳ ଉପରେ ନିର୍ଭରଶୀଳ। ଏପରି ସ୍ଥିତିରେ ଅଣଜଳସେଚିତ ଏହି ବ୍ଲକରେ ଜଳସମସ୍ୟା ଦୂର କରିବା ପାଇଁ ବହୁଳ ପରିମାଣର ଗଭୀର ନଳକୂପ ଖନନ ଦ୍ୱାରା ଭୂତଳ ଜଳସ୍ତର ଧିରେ ଧିରେ ହ୍ରାସ ପାଇବାକୁ ବସିଲାଣି। ସେହିପରି ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ଜିଲ୍ଲାରେ ଜଳବାୟୁ ପରିବର୍ତ୍ତନରେ ଅନିୟମିତତା ଜଳ ସମସ୍ୟାର ଅନ୍ୟ ଏକ କାରଣ। ଭୂତଳ ଜଳ ହ୍ରାସ ଯୋଗୁଁ ଶୀତ ଶେଷ ନ ହେଉଣୁ ଜନସାଧାରଣଙ୍କ ନିଜସ୍ୱ ବ୍ୟବହାରରେ ଥିବା ବହୁ କୂଅ ଗୁଡ଼ିକ ଶୁଖି ଯାଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଆଗାମୀ ଶତାବ୍ଦୀରେ ବରଗଡ଼ ଜିଲ୍ଲାରେ ଜଳ ସମସ୍ୟା ନେଇ ଏବେଠୁ ବୁଦ୍ଧିଜୀବୀ ମହଲରେ କଳ୍ପନା ଜଳ୍ପନା ଆରମ୍ଭ ହୋଇଗଲାଣି।

## ସେମାନଙ୍କ ମୁହଁରୁ..



କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ତଦ୍ ଜନିତ ଜଳର ଅପବ୍ୟବହାରତଥାପ୍ରଦୂଷଣ, ନଦୀମୁହାଁଣଗୁଡ଼ିକରୁ ଅବାଧ ବାଲି ଚୋରାଚାଲାଣ, ଅବୈଧ ଖନନ, ଜଳାଶୟ ସଂରକ୍ଷଣ ଦିଗରେ ଉଦାସୀନତା ଓ ସଚେତନତାର ଘୋର ଅଭାବ ଦ୍ରୁତଭାବରେ ପରିଲକ୍ଷିତ ହେଉଛି। ଏସବୁ ଦିଗରେ ସଚେତନ ଓ ସକାରାତ୍ମକ ପ୍ରୟାସ କରା ନ ଗଲେ ଜଳକଷ୍ଟ ସାଂଘାତିକ ଅବସ୍ଥାକୁ ଚାଲିଆସିବ। ଏହି ଜଳ ପାଇଁ ହିଁ ତୃତୀୟ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ ହୋଇଯିବ।

**ଅରବିନ୍ଦ ଗୁପ୍ତା, ସଚେତନ ନାଗରିକ**



ଦ୍ରୁତ ଗତିରେ ଜଙ୍ଗଲ ହ୍ରାସ ପାଉଥିବା ଯୋଗୁଁ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନରେ ଅନିୟମିତତା ଦେଖାଦେଉଛି। ଯଦି ଯୁଦ୍ଧକାଳୀନ ଭିତ୍ତିରେ ଜଳଛାୟା ପରିଚାଳନା ମାଧ୍ୟମରେ ଆର୍ଦ୍ରଭୂମି ପରିସ୍ଥାନର ସଂରକ୍ଷଣ କରା ନ ଯାଏ, ତେବେ ଆଗାମୀ ଭବିଷ୍ୟତରେ ସମଗ୍ର ମାନବ ସମାଜ ଜଳସଙ୍କଟ ପରି ସମସ୍ୟାର ସମ୍ମୁଖୀନ ହେବ। ବ୍ୟାପକ ମାତ୍ରାରେ ବନୀକରଣ କରିବା ସହ ଜୈବ ବିବିଧତା ସଂରକ୍ଷଣ ଦ୍ୱାରା ଜଳ ସମସ୍ୟାକୁ ଦୂର କରାଯାଇପାରିବ।

**ସଞ୍ଜୟ ଖମାରୀ, ପରିବେଶ ବିଶେଷଜ୍ଞ**



ଜଳ ବିନା ଜୀବନର କଳ୍ପନା ଅସମ୍ଭବ। ଧିରେ ଧିରେ ଭୂତଳ ଜଳସ୍ତର କମିଯାଉଥିବା ବେଳେ ଆଗାମୀ ଦିନରେ ବର୍ଷା ଜଳ ସଂରକ୍ଷଣ ବଡ ଆହ୍ୱାନରେ ପରିଣତ ହୋଇଛି। ଭୂତଳ ଜଳ କମ ବ୍ୟବହାର କରି ଜଳ ଅମଳ ପ୍ରକଳ୍ପ ପାଇଁ ସମସ୍ତେ ଦାୟିତ୍ୱବାନ ହେବା ସହ ଜଳ ସଂରକ୍ଷଣ ପାଇଁ ଆଗେଇ ଆସନ୍ତୁ। ନଚେତ ଆଗାମୀ ଦିନରେ ସବୁ ସ୍ଥାନରେ ଜଳସଂକଟ ଦେଖାଦେବ। ଏହା ବିଶ୍ୱଜଗତକୁ ଧ୍ୱଂସ ମୁଖକୁ ନେଇଯିବ।

**ରମେଶ ମହାପାତ୍ର, ସଂଯୁକ୍ତ କୃଷକ ସଂଗଠନର ସଦସ୍ୟ**

# ଅଜଣା ଶବ ସତ୍କାରକଲା ସଂକଳ୍ପ ପରିବାର

**ବରଗଡ଼, ୨୧।୩(ସମିସ):** ବରଗଡ଼ର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ତରଫରୁ ଗୁରୁବାର ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କରାଯାଇଛି। ମୃତ ବ୍ୟକ୍ତି ଜଣକ ଗତ ରବିବାର ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବରାହଗୋଡା ବାଇପାସ ରାସ୍ତାର ଏକ ଚାଷ ଜମି ମଧ୍ୟରେ ମୃତ ଅବସ୍ଥାରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗ୍ରାମାଞ୍ଚଳ ପୁଲିସ ଘଟଣାସ୍ଥଳକୁ ଯାଇ ଶବ ଜବତ କରିବା ସହ ତାର ପରିଚୟ ଖୋଜିବା ସଙ୍ଗେ ସଙ୍ଗେ ମୃତ୍ୟୁର କାରଣ ଅନୁସନ୍ଧାନ କରିଥିଲା। ମାତ୍ର ଦୀର୍ଘ ତିନିଦିନ ବିତିଯାଇଥିଲେ ସୁଦ୍ଧା ମୃତ ବ୍ୟକ୍ତିଙ୍କ କୌଣସି ପରିଚୟ ମିଳିପାରି ନ ଥିବାରୁ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରକୁ ଶବ ସତ୍କାର କରିବା ପାଇଁ ଅନୁରୋଧ କରିଥିଲେ। ଖବର ପାଇ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲଙ୍କ ସମେତ ଜି ରମେଶ, ନବୀନ ବୁଡେକ, ଓ ରାଜକୁମାର ବନଛୋର ପ୍ରମୁଖ ବରଗଡ଼ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ସମ୍ମାନର ସହିତ ଶବ ସତ୍କାର କରିଛନ୍ତି।



# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ବରଗଡ଼, ୨୧।୩(ସମିସ):** ବରଗଡ଼ ସଦର ଥାନା ଅନ୍ତର୍ଗତ ବାଲିଜୋରୀ ନିକଟରେ ଭାରସାମ୍ୟ ହରାଇ ଜଣେ ମୋଟର ସାଇକଲ ଆରୋହୀ ଦୁର୍ଘଟଣାଗ୍ରସ୍ତ ହେବା ସହ ପ୍ରାଣ ହରାଇଥିବା ସୂଚନା ମିଳିଛି। ମୃତ ଯୁବକ ଅତାବିରା ଥାନା ସିଂହପାଲି ଗ୍ରାମର ନୀଳମଣି ମେହେର ବୋଲି ଜଣାପଡିଛି। ଗତ ବୁଧବାର ବରପାଲି ଥାନା ଜାଲପାଲିକୁ ଫଟୋ ଉଠାଇବାକୁ ଯାଇଥିଲେ। କାମ ସାରି ଗୁରୁବାର ଭୋରରେ ନିଜ ମୋଟର ସାଇକଲ ଯୋଗେ ନୀଳମଣି ଫେରୁଥିବା ବେଳେ ବାଲିଜୋରୀ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିବା ସହ ତଦନ୍ତ ଜାରି ରଖିଛି।



# ସ୍ୱାମୀଙ୍କ ମୃତ୍ୟୁ ପରେ ସୁକାନ୍ତି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

## ଚାରି ସନ୍ତାନଙ୍କ ସହ ୬ ପ୍ରାଣୀଙ୍କ ଭରଣପୋଷଣ ଚିନ୍ତା

**ବରଗଡ଼, ୨୧।୩ (ସମିସ):** ଭେଡେନ ବ୍ଲକ୍ ଅନ୍ତର୍ଗତ ବାଲିକୁଲୁଣ୍ଡା ଗ୍ରାମର ସୁକାନ୍ତି ଭଏନା ନିଜ ତିନି ଝିଅ ଓ ପୁଅଙ୍କୁ ନେଇ ସହାୟତା ଆଶାରେ ବରଗଡ଼ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଜଣା ରୋଗରେ କିଛି ଦିନ ଆଗରୁ ତାଙ୍କ ସ୍ୱାମୀ କମଳାକାନ୍ତ ଭଏନା ଆର ପାରିକୁ ଚାଲିଯିବା ପରେ ସୁକାନ୍ତି ଉପରେ ଦୁଃଖର ପାହାଡ ପଡ଼ି ଯାଇଛି। ଚାରି ଛୁଆ ସହ ଶାଶୂଙ୍କୁ ନେଇ ତାଙ୍କ ପରିବାର ଭରଣପୋଷଣ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ବହୁତ୍ ଦୁଃଖକଷ୍ଟରେ ଜୀବନ ବିତୁଛି ବୋଲି କହିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଭେଟି ନିଜ ଦୁଃଖ ଜଣାଇଥିଲେ। ଶ୍ରୀମତୀ ସାହୁ ଭେଡେନ ବିଡିଓଙ୍କୁ ଫୋନ କରି ପ୍ରଥମେ ସୁକାନ୍ତିଙ୍କ ବିଧବା ଭତ୍ତା ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ଦୁଇ ଛୁଆଙ୍କ ବ୍ୟତୀତ ଅନ୍ୟ ଦୁଇ ଛୁଆଙ୍କ ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା ପରେ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ସୁକାନ୍ତିଙ୍କ ପ୍ରଥମ ଝିଅ ଗୋପିକା(୧୪), ପୁଅ ସଦ୍ଧବ(୭), ଝିଅ ଦୀପିକା (୫) ସହ ଜିଶିକା (୩ ମାସ)ଙ୍କ ପାଇଁ ଅନ୍ୟୁନ ପ୍ରଶାସନର ସହାୟତା ଆବଶ୍ୟକ ରହିଥିବାରୁ ସୁକାନ୍ତି ଏଥିପାଇଁ ଆକୁଳ ହୋଇ ନିବେଦନ କରିଛନ୍ତି।



### ଜିଲ୍ଲା କୃଷି କାର୍ଯ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ

# ଭେଡେନ ତହସିଲ କାର୍ଯ୍ୟାଳୟ ବନ୍ଦ ଚେତାବନୀ

**ବରଗଡ଼, ୨୧।୩(ସମିସ):** ବରଗଡ଼ ଜିଲ୍ଲା କୃଷି କାର୍ଯ୍ୟାଳୟରେ ତାଲା ପକାଇ ସଂଯୁକ୍ତ କୃଷକ ସଂଗଠନ ତରଫରୁ ଚାଲିଥିବା ଧାରଣା ନବମ ଦିନରେ ପହଞ୍ଚିଛି। ଗୁରୁବାର ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ଶାଖା ଏହାର ନେତୃତ୍ୱ ନେଇଥିବା ବେଳେ ପ୍ରଶାସନିକ ନିରବତା ଆନ୍ଦୋଳନର ବିଭିନ୍ନ ମୋଡ ନେଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଲାଗି ଜିଲ୍ଲା କୃଷି ଅଫିସ ଥିଲେ ମଧ୍ୟ ନିର୍ବାଚନୀ ବ୍ୟସ୍ତତା ଯୋଗୁଁ ଆନ୍ଦୋଳନସ୍ଥଳକୁ ଜିଲ୍ଲାପାଳ ଆସି ପାରୁ ନ ଥିବା ମନେକରି ଓଡ଼ିଶା ରାଜ୍ୟ କୃଷକ ସଂଗଠନ ନେତୃମଣ୍ଡଳୀ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇବା ପାଇଁ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଆନ୍ଦୋଳନ ପ୍ରସଙ୍ଗରେ ଜିଲ୍ଲାପାଳଙ୍କ ସହିତ ବିସ୍ତୃତ ଭାବେ ମିଗଜୋମଜନିତ ଫସଲ ବୀମା ଏବଂ ଇନପୁଟ ସବସିଡି ଆଦି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ତିନି ଦିନ ମଧ୍ୟରେ ଫସଲ ବୀମା ଟଙ୍କା କ୍ଷତିଗ୍ରସ୍ତ ଚାଷୀମାନେ ପାଇବେ ବୋଲି କହିଥିବା ବେଳେ କୃଷକ ସଂଗଠନ କର୍ମୀମାନେ ତାହା ବିଶ୍ୱାସ ନ କରି ଆନ୍ଦୋଳନ ଜାରି ରଖିବାକୁ କହି ଚାଲିଆସିଥିଲେ। ଧାରଣା ଅବ୍ୟାହତ ରହିଥିଲା। ଅପରପକ୍ଷେ ଗୁରୁବାର ଭେଡେନ ବ୍ଲକ କୃଷକ ସଂଗଠନ ଭେଡେନ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ଡାକି ଉକ୍ତ ପ୍ରସଙ୍ଗକୁ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସଭାରେ କର୍ମୀମାନେ କୃଷକ ମାନଙ୍କୁ କାହିଁକି ଧର୍ଯ୍ୟର ପରୀକ୍ଷା ନେଉଛନ୍ତି ବୋଲି ଶାସନ ପ୍ରଶାସନକୁ କଟୁ ସମାଲୋଚନା କରାଯାଇଥିଲା। ଆଗାମୀ ଶୁକ୍ରବାର ଭେଡେନ ତହସିଲ ଅଫିସ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ବନ୍ଦ କରାଯାଇ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉତ୍ପନ୍ନ ଭୋଇ, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ରାଜେଶ ପାଢ଼ୀ, ରାଜ ବେହେରା, ନନ୍ଦିଘୋଷ ମିଶ୍ର, ଆନନ୍ଦ ସୁନା, ଭରତ ପଧାନ, ପ୍ରକାଶ ପଧାନ, ନିର୍ମଳ ପଧାନ, ବିଶ୍ୱଜିତ ହୋତା, ସୁଶୀଲ ଧରୁଆ, ରବି ଦାସ, ସତ୍ୟନାରାୟଣ ଦେହେରୀ ଉପସ୍ଥିତ ଥିବା ବେଳେ ବରଗଡ଼ ତାଲା ବନ୍ଦ ଆନ୍ଦୋଳନରେ ରମେଶ ମହାପାତ୍ର, ବିରେନ କର, ବୁଦ୍ଧଦେବ ନନ୍ଦ, ଭୂବନ ପଧାନ, ଅମୂଲ୍ୟ ସ୍ୱାଇଁ, ଉତ୍ତର ପଧାନ, କଳିଆ ପଧାନ, ନାରାୟଣ ସାହୁ, କେଶବ ସାହୁ, ସୁରେନ ସ୍ୱାଇଁ, ଭୁଜ ସାହୁ, ଟିକେଲାଲ ମିଶ୍ର, ରମଣୀ ହୋତା, ଦଶରଥ ଭୋଇ, ପ୍ରଦୀପ ସାହୁ, ଭରତ ମଳିକ, ଦେବେନ ପଧାନଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।



### ଚର୍ଦ୍ଧାପାଲି ଲୋକ ମହୋତ୍ସବ

# ଦୁଲୁକିଲା ମହିମା ମଣ୍ଡପ; ଝୁମିଲେ ଦର୍ଶକ



**ଝାରବନ୍ଧ, ୨୧।୩ (ସମିସ):** ପାଇକମାଳ ବ୍ଲକ ଚର୍ଦ୍ଧାପାଲି ମହିମା ମଣ୍ଡପରେ ପ୍ରଥମ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସରେଇପାଲି ବିଧାୟିକା ଚାତୁରୀ ନନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ବରଗଡ ଜିଲ୍ଲା କଂଗ୍ରେସ ଉପସଭାପତି ଟଙ୍କଧର ସାହୁ, କଂଗ୍ରେସ ନେତା ବିଜୟାନନ୍ଦ ପଟ୍ଟନାୟକ, ଦିଲ୍ଲୀପ ଦାନୀ, ମୁଜାଫର ହୁସେନ, ବିକାଶ ବହିଦାର, ସରପଞ୍ଚ ଉପାସୀ ନାଏକ, ସମିତିସଭ୍ୟ ଅଶୋକ ପ୍ରଧାନ ଯୋଗଦାନ କରିଥିଲେ। ଓଡିଶାକୁ ଆସି ସେ ସମ୍ବଲପୁରୀ ଗୀତ ହାଏ କୃଷ୍ଣ ହାଏକୃଷ୍ଣ ବୋଲି ଯାଉ ଜୀବନ ଗୀତ ଗାଇ ଦର୍ଶକଙ୍କୁ ବିମୁଗ୍ଧ କରିଥିଲେ। ମହୋତ୍ସବକୁ ଅରକ୍ଷିତ ପ୍ରଧାନ ଓ ରମେଶ ବାରିକ ସଂଯୋଜନା କରିଥିଲେ।



ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଗନିଆଁପାଲି ଗ୍ରାମର ନୃସିଂହ ମନ୍ଦିର ପ୍ରତିଷ୍ଠାର ଦୁଇବର୍ଷ ପୂର୍ତ୍ତି ଅବସରରେ ଉଦଯାପିତ ହୋଇଥିବା ହୋମଯଜ୍ଞ କାର୍ଯ୍ୟକ୍ରମ।

# ବିକ୍ରମଦେବ ପଟ୍ଟନାୟକ ବରଗଡ଼ ଜିଲ୍ଲା ନୂଆ ନୂତନ ବନଖଣ୍ଡ ଅଧିକାରୀ

**ବରଗଡ଼, ୨୧।୩(ସମିସ):** ବରଗଡ଼ ଜିଲ୍ଲା ନୂତନ ବନଖଣ୍ଡ ଅଧିକାରୀ ଭାବରେ ବିକ୍ରମଦେବ ପଟ୍ଟନାୟକ ଯୋଗଦାନ କରିଛନ୍ତି। ପୂର୍ବତନ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତଙ୍କୁ ଅନୁଗୁଳ ଜିଲ୍ଲାକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ଯୋଗ ଦେଇଛନ୍ତି। ନୃସିଂହନାଥ ଗନ୍ଧମାର୍ଦନ ପାହାଡ, ଡେବ୍ରିଗଡ ଅଭୟାରଣ୍ୟ, ମେଲଛାମୁଣ୍ଡା ରେଞ୍ଜ ଅଧୀନରେ ଥିବା ବାରପାହାଡ ଆଦି ଅଞ୍ଚଳରେ ବ୍ୟାପକ ଭାବରେ ବୃକ୍ଷରୋପଣ, ବନ୍ୟଜନ୍ତୁଙ୍କ ସୁରକ୍ଷା, ମୃତ୍ତିକା ସଂରକ୍ଷଣ ଇତ୍ୟାଦିକୁ ବ୍ୟାପକ ଭାବରେ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିପାଇଁ ସମସ୍ତ ଅଞ୍ଚଳବାସୀଙ୍କ ସହଯୋଗ ଦରକାର ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହା ପୂର୍ବରୁ ଭଞ୍ଜନଗର, ଫୁଲବାଣୀ, ରାୟଗଡ଼ା, ରେଢ଼ାଖୋଲ ଅନୁଗୁଳ, ଭୁବନେଶ୍ୱର ସହ ବିଭିନ୍ନ ଜାଗାରେ କାର୍ଯ୍ୟ କରିଆସିଛନ୍ତି। ତାଙ୍କୁ ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



# ଡିସିବି ବ୍ୟାଙ୍କର ବାର୍ଷିକ ଉତ୍ସବ

**ପଦ୍ମପୁର, ୨୧।୩(ସମିସ):** ପଦ୍ମପୁର ଡିସିବି ବ୍ୟାଙ୍କର ଦ୍ୱିତୀୟ ବାର୍ଷିକ ଉତ୍ସବ ବ୍ୟାଙ୍କର ନିଜସ୍ୱ ଶାଖାରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଗ୍ରାହକମାନେ ଉପସ୍ଥିତ ଥିଲେ। ଶାଖା ପ୍ରବନ୍ଧକ ଏମ୍ ରାଜେଶ ଗ୍ରାହକଙ୍କୁ ସଚେତନତା କରିବା ସହ ବ୍ୟାଙ୍କର ସଞ୍ଚୟ ଖାତା, ଚାଷ ସମ୍ବନ୍ଧୀୟ ଋଣ, ଗୋଲ୍ଡ ଋଣ ଟାର୍ମ ଲୋନ ସୁବିଧା ସଂପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।



# ଶିକ୍ଷାନୁଷ୍ଠାନରେ ଅନ୍ତର୍ଜାତୀୟ ବନ ଦିବସ ପାଳିତ

**ଅମ୍ବାଭୋନା/ବରପାଲି/ପାଇକମାଲ/ପଦ୍ମପୁର, ୨୧।୩(ସମିସ)**

ଅମ୍ବାଭୋନା ବ୍ଲକ ଭୁକ୍ତା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଙ୍ଗଲ ସୁରକ୍ଷା ପ୍ରତି ଛାତ୍ରାବସ୍ଥାରୁ ସଚେତନତା କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବର ମାର୍ଗଦର୍ଶକ ଶିକ୍ଷକ ସଂଜୟ ଖମାରୀ, ଶିକ୍ଷକ ତେଜରାମ ସା, ରାଧେଶ୍ୟାମ ବାରିକ ଓ ବିଦ୍ୟାଳୟ ପରିଚଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରି ମଞ୍ଚାସୀନ ଥିଲେ। ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ ସଂଜୟ ଖମାରୀ ଅନ୍ତର୍ଜାତୀୟ ବନ ଦିବସ ପାଳନର ଉଦ୍ଦେଶ୍ୟ ଓ ଜୈବ ବିଭିନ୍ନତାର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷକ ତେଜରାମ ସା ଓ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ନାୟକ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଓ ସଂରକ୍ଷଣ ସମ୍ବନ୍ଧୀୟ ତଥ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ 'ଜଙ୍ଗଲ ଓ ଜୀବଜନ୍ତୁ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ ତୃପ୍ତିମୟୀ ପଧାନ ପ୍ରଥମ, ଆଦ୍ୟାଶା ଭୋଇ ଦ୍ୱିତୀୟ ଏବଂ ଯୁଗ୍ମ ଭାବରେ ରୋଜା ମେହେର ଓ ମାନସୀ ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ ଓ ହୋମି ଭାବା ବିଜ୍ଞାନ କ୍ଲବର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଆଶୁତୋଷ ଭୋଇ, ପଦ୍ମଲୋଚନ ବିଶି ସହଯୋଗ କରିଥିବା ବେଳେ ଶିକ୍ଷକ ରାଧେଶ୍ୟାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




ବରପାଲି ବ୍ଲକ ତୁଲଣ୍ଡି ପ୍ରଜ୍ଞାଶ୍ରୀ ହାଇସ୍କୁଲରେ ବରଗଡ ଜିଲ୍ଲା ପରିବେଶ ସମିତି ଓ ଜିଲ୍ଲା ପରିବେଶ ସଚେତନତା ସମିତି ପକ୍ଷରୁ ପରିବେଶ ସଚେତନତା ସମିତି ସଭାପତି ତେଜରାଜ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଦୁର୍ଗପତି ଓଡ଼ିଶା ପୁଲିସ ବାହିନୀ ବିଜୟ ପ୍ରକାଶ ବାବୁ ଓ ମୁଖ୍ୟବକ୍ତା ଭାବରେ ପରିବେଶବିତ୍ ଜେଠୁ ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପୁରନ୍ଦର ନନ୍ଦ ପ୍ରାକ୍ତନଃ ଅଧ୍ୟକ୍ଷ ରେଶମ କଲେଜ, ତୁଲଣ୍ଡି ଡାକ୍ତରଖାନା ମୁଖ୍ୟ ଡାକ୍ତର ନୀଳମାଧବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ଏହି ଅବସରରେ କେବଳ ବନୋତ୍ସବ ପାଳନ ନୁହେଁ; ବନ ସୁରକ୍ଷା ଦିଗରେ ଆମ ସମସ୍ତଙ୍କୁ ଚିନ୍ତାଶୀଳ ହୋଇ ସଠିକ କର୍ତ୍ତବ୍ୟପରାୟଣତା ପ୍ରଦର୍ଶନ କରିବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଶିବପ୍ରସାଦ ସାହୁ ସ୍ୱାଗତ ଜଣାଇଥିବା ବେଳେ ସଚେତନତା ସମିତି ସମ୍ପାଦକ ମୋହନ ଚାନ୍ଦ ପଧାନ ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ବୃନ୍ଦାବନ ସାହୁ ଧନ୍ୟବାଦ ଦେଇଥିଲେ।

ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରକୃତି ବନ୍ଧୁ ବିଭୂତି ଭୂଷଣ ମୁଣ୍ଡ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ରଜତ ସାହୁ ଅରଣ୍ୟର ଭୌଗୋଳିକ ସ୍ଥିତି ଓ ଦିବସର ମହତ୍ୱ ସହ ଜନ୍ମଦିନରେ ଗୋଟିଏ ଲେଖାଏଁ ଚାରା ଗଛ ରୋପଣ କରି ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ। ଲଳିତ ବିଶ୍ୱାଳ, ଆନନ୍ଦିନୀ ସେଠ୍, ନିରୂପମା ସାହୁ, ଜଗବନ୍ଧୁ ସ୍ୱାଧିନ, ମୀନା କୁମାରୀ ଦାସ ସହଯୋଗ କରିଥିଲେ। ତ୍ରିଲୋଚନ ନାଏକ କାର୍ଯ୍ୟକ୍ରମ ପରିଚାଳନା ଓ ମଧୁସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଜମଲା ଡିଗ୍ରୀ କଲେଜରେ ବିଶ୍ୱ ବନ ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହେଇଯାଇଛି। କଲେଜର ଅଧ୍ୟକ୍ଷ ଡ. ସ୍ୱାଧୀନଚନ୍ଦ୍ର ପଧାନଙ୍କ ସଭାପତିପତ୍ୱରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ପରିବେଶବିତ୍ ପ୍ରକୃତି ମିତ୍ର ମୀନକେତନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟାପିକା ସୁରେଖା ଭୁଏ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସଦାନନ୍ଦ ସେଠ୍, ଫରେନ୍ଦ୍ର ସାହୁ, ଝସକେତନ ସାହୁ ପ୍ରମୁଖ ସାହାଯ୍ୟ କରିଥିଲେ। ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବରୁ ପାଳିତ ବନ ମହୋତ୍ସବରେ ଗଛ ଲଗାଇଥିଲେ ଓ ଯତ୍ନ ନେଉଛନ୍ତି ସେମାନଙ୍କୁ ପ୍ରମାଣପତ୍ର ସ୍ୱରୂପ ଏକ ଉପହାର ପ୍ରଦାନ କରାଯାଇଥିଲା। ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ଆଶିଷ କୁମାର ଭେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଆ ଆଡ୍ଡା ଉପରେ ଚଢ଼ଉ, ୩ ଗିରଫ

**ବ୍ରଜରାଜନଗର, ୨୧।୩(ସମିସ):** ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ରାଜପୁର କଣ୍ଟାପାଳି ପଡ଼ିଆରେ ଚାଲିଥିବା ଜୁଆ ଅଡ୍ଡା ଉପରେ ଗାନ୍ଧୀ ଛକ ପୁଲିସ ଚଢ଼ଉ କରିବା ସହିତ ୩ ଜୁଆଡ଼ିଙ୍କୁ ଗିରଫ କରିଛି। ଘଟଣାସ୍ଥଳ ଚଡାଉ କରି ପୁଲିସ ନଗଦ ୨୮୮୦ ଟଙ୍କା ସହିତ ଜୁଆ ଖେଳରେ ବ୍ୟବହୃତ ତାସ ବିଡ଼ା ଜବତ କରିଛି। ସନ୍ଧ୍ୟା ସମୟରେ ଗାନ୍ଧିଛକ ଫାଣ୍ଡି ପୁଲିସ ପକ୍ଷରୁ ସୂଚନା ପାଇ ଏହି ଚଢ଼ଉ କରାଯାଇଥିବା ବେଳେ ଅଭିଯୁକ୍ତମାନେ ସ୍ଥାନୀୟ ବଘରାଚକା ଅଞ୍ଚଳର ବୋଲି ଜଣାପଡ଼ିଛି।

## କାର୍-ଅଟୋ ଧକ୍କାରେ ୧୦ ଆହାତ

**ଦେବଗଡ଼, ୨୧।୩(ସମିସ):** ଦେବଗଡ଼ ଥାନା ତିଲେଇବଣି ଫାଣ୍ଡି ଅଧୀନ ଜଡାଗୋଲା ଗ୍ରାମ ଛକ ନିକଟରେ ଗୁରୁବାର ଦୁର୍ଘଟଣା ଘଟିଛି। ଏକ କାର୍ ଓ ଗୋଟିଏ ଅଟୋ ମଧ୍ୟରେ ଧକ୍କା ଯୋଗୁ ଅଟୋ ଚାଳକଙ୍କ ସମେତ ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନେ ହେଲେ ଟାଇଁସର ଗ୍ରାମର ଅଟୋ ଚାଳକ ପ୍ରଶାନ୍ତ ପ୍ରଧାନ, ଧର୍ମୁ ପ୍ରଧାନ, ନର୍ମଦା ପ୍ରଧାନ, ମାନିନୀ ପ୍ରଧାନ, ଶ୍ରୀମା ପ୍ରଧାନ, ନବଘନ ପ୍ରଧାନ, ବାସନ୍ତୀ ପ୍ରଧାନ, ସୁକାନ୍ତୀ ପ୍ରଧାନ, ଗଣ ପ୍ରଧାନ, ସୀତା ପ୍ରଧାନ। ସମସ୍ତ ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଛାଡି ଦିଆଯାଇଛି।

ଟାଇଁସର ଗ୍ରାମରୁ ୯ ଜଣ ମହିଳା ଓ ପୁରୁଷ ଅଟୋ ଯୋଗେ ଶରଣଖୋଳ ଗ୍ରାମକୁ ଯାଇଥିଲେ। କାମ ସାରି ଫେରୁଥିବାବେଳେ ଜଡାଗୋଳା ଛକରେ ନିକଟରେ ଅଟୋ (ଓଡି୨୮ ୮୨୪୧) ଓ କାର (ଓଡି୨୮-୩୯୫୪) ମଧ୍ୟରେ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଅଟୋରୁ ସମସ୍ତେ ଛିଟିକି ପଡ଼ିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଦୁର୍ଘଟଣା ପରେ କାର୍ ଚାଳକ ଗାଡ଼ି ଛାଡି ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

**ଝାରସୁଗୁଡ଼ା/ବ୍ରଜରାଜନଗର, ୨୧।୩ (ସମିସ):** ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ବଡ଼ଯୋବ ଛାପଲଡ଼ିହି ପୋଖରୀରେ ବୁଡ଼ି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ କୃଷ୍ଣ କାଲୋ (୪୦)। ମୃତ କୃଷ୍ଣ ପ୍ରତିଦିନ ପରି ସକାଳୁ ସ୍ନାନ, ଶୌଚ ପାଇଁ ପୋଖରୀକୁ ଯାଇ ଆଉ ଫେରି ନ ଥିଲେ। ବିଳମ୍ବ ହେବାରୁ କୃଷ୍ଣଙ୍କ ସ୍ତ୍ରୀ ଲଳିତା କାଲୋ ସନ୍ଦେହ ପ୍ରକାଶ କରି ପୋଖରୀକୁ ଯିବାରୁ ପାଣି ଭିତରେ କୃଷଙ୍କ କପଡ଼ା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକଙ୍କୁ ଜଣାଇବା ପରେ ସଂଜ୍ଞାହୀନ ଅବସ୍ଥାରେ କୃଷ୍ଣଙ୍କୁ ପାଣି ଭିତରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର ମୃତ ଘୋଷଣା



କରିଥିଲେ। ସେପଟେ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଅପରପକ୍ଷରେ ମୃତ ଯୁବକ ଜଣକ ବଡ଼ମାଲ ରାଉତବନ୍ଧ ବାସିନ୍ଦା ହୋଇଥିବା ବେଳେ ବଡ଼ଯୋବ ଛାପଲଡ଼ିହିରେ ରହୁଥିଲେ।

## ରେଙ୍ଗାଲବାହାଲରେ ମହାବିଷ୍ଣୁ ଯଜ୍ଞ

**ରିଆମାଳ, ୨୧।୩(ସମିସ):** ରିଆମାଳ ବ୍ଲକ ମଳେହିପଡ଼ା ପଞ୍ଚାୟତ ରେଙ୍ଗାଲବାହାଲରେ ଗୁରୁବାର ମହା ବିଷ୍ଣୁଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ତଥା ଯଜ୍ଞ କମିଟି ସଭାପତି ପ୍ରଭାକର ପ୍ରଧାନ ଓ ସମ୍ପାଦକ ଆର୍ତ୍ତତ୍ରାଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତ୍ରିନାଥ ପ୍ରସାଦ ନନ୍ଦ, ମନୋରଞ୍ଜନ ଶତପଥୀ, ଧ୍ରୁବେଇଧର ନନ୍ଦ, ଚନ୍ଦ୍ରମଣି ଶତପଥୀ, ଟିକେଶ୍ୱର ନନ୍ଦ, ସୁବାଷଚନ୍ଦ୍ର ନନ୍ଦ ଓ ଗୋଲକ ବିହାରୀ ନନ୍ଦ ପୁରୋହିତ କାର୍ଯ୍ୟ ସମ୍ପାଦନା କରିଥିଲେ। ଶ୍ରବଣ ପ୍ରଧାନ ଓ ତାଙ୍କ ପତ୍ନୀ ନମିତା ଦେହୁରୀ ଯଜ୍ଞର କର୍ତ୍ତା ଥିଲେ। କୁମୁଦବନ୍ଧୁ ପ୍ରଧାନ, ବାବୁଲି ପ୍ରଧାନ, ଅରୁଣ ପ୍ରଧାନ, ବୈଦ୍ୟ ପ୍ରଧାନ, ଇନ୍ଦ୍ରମଣୀ ପ୍ରଧାନ, ଦିଲ୍ଲୀପ ପ୍ରଧାନ, ସୁଦର୍ଶନ ପ୍ରଧାନ, ଜୀବନ ପ୍ରଧାନ, ହିମାଂଶୁ ପ୍ରଧାନ ପ୍ରମୁଖ ସହଯୋଗ କରିଥଲେ। ସ୍ୱରୂପା ନନ୍ଦ ପୁରିଜୀ, ଅଭୟ ଚୈତନ୍ୟ ଜୀ, ସର୍ବେଶ୍ୱର ଚୈତନ୍ୟ ଜୀଙ୍କ ସମେତ ବହୁ ସାଧୁ ସନ୍ଥ ଯୋଗ ଦେଇଥିଲେ।

# ୫ ଚୋରା ଟାୟାର ସହ ଗାଡ଼ି ଜବତ, ୩ ଗିରଫ

**ଝାରସୁଗୁଡ଼ା, ୨୧।୩(ସମିସ)**

ବେଲପାହାଡ଼ ଥାନା ଅଞ୍ଚଳରୁ ଚୋରି ହୋଇଥିବା ୫ ଟି ଟାୟାର ସହ ଏକ ଗାଡ଼ିକୁ ପୁଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ପୁଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଲପାହାଡ଼ ଗାନ୍ଧୀନଗରର କ୍ଷୀତେଶ୍ୱର ମଲ୍ଲିକ (୨୬), କୁର୍ମୀପଡ଼ାର ଗଣେଶ ଦାଶ (ବୁଟୁ, ୩୫) ଓ ବନ୍ଧବାହାଲ ଶାନ୍ତିନଗରର ସୂର୍ଯ୍ୟମଣି ଜେନା (୩୦) ବୋଲି ଜଣାପଡ଼ିଛି। ଗାନ୍ଧୀନଗରର ସାହାନୱାଜ୍ ଅହମ୍ମଦଙ୍କ ଅଭିଯୋଗ ଅଧାରରେ ୨୦୨୩ ଡିସେମ୍ବର ୫ ତାରିଖ ଦିନ ନିଜ ଟ୍ରକ ପାଇଁ ଝାରସୁଗୁଡ଼ା ସ୍ଥିତ ମା' ଟାୟାର ଦୋକାନଠାରୁ ୧୦ଟି ନୂଆ ଏମଆରଏଫ କମ୍ପାନୀର ଟାୟାର କିଣିଥିଲେ। ସେଥିମଧ୍ୟରୁ ସେ ୫ଟି ଟାୟାର ଟ୍ରକରେ ଲଗାଇଥିବା ବେଳେ ଅବଶିଷ୍ଟ ୫ଟି ଟାୟାରକୁ ବେଲପାହାଡ଼ ନିକଟସ୍ଥ ଟାଟା ମୋଟର୍ସ ତଥା ବାଇପାସ୍ ରାସ୍ତାରେ ଥିବା ସୁଲେମାନ ଟାୟାର ପଙ୍କଚର୍ ଦୋକାନରେ ରଖିଥିଲେ। ହେଲେ ଚଳିତ ବର୍ଷ ଜାନୁୟାରୀ ୪ ତାରିଖ ରାତିରେ କେତେକ ଅଜ୍ଞାତ ଦୁର୍ବୃତ୍ତ ସୁଲେମାନଙ୍କ ଦୋକାନରୁ ଉକ୍ତ ୫ଟି ଟାୟାରକୁ ଚୋରି କରିଥିଲେ। ବେଲପାହାଡ଼ ପୁଲିସ ଥାନା କେସ ନମ୍ବର ୪/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ପୁଲିସ ଅଭିଯୁକ୍ତଙ୍କ ଠାରୁ ଚୋରି ହୋଇଥିବା ୫ଟି ନୂଆ ଟାୟାର ଓ ପରିବହନ ପାଇଁ ବ୍ୟବହୃତ ଗୋଟିଏ ଟାଟା ଏସିଇ (ଓଡ଼ି୨୩ଏଫ୍-୬୭୬୩) ଗାଡ଼ିକୁ ଜବତ କରିଛି।



## ■ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

## ଲାପ୍‌ଟପ୍ ସହ ୭ ମୋବାଇଲ୍ ଓ ୨ ବାଇକ୍ ଜବତ

**ଦେବଗଡ଼, ୨୧।୩(ସମିସ):** ଦେବଗଡ଼ ଥାନା ପୁଲିସ ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ କାବୁ କରିଛି। ତା' ପାଖରୁ ୭ ମୋବାଇଲ ସହ ଗୋଟିଏ ଲାପ୍‌ଟପ୍ ଓ ୨ ବାଇକ୍ ଜବତ ହୋଇଛି। ଅଭିଯୁକ୍ତ ହେଉଛି ଦେବଗଡ଼ ଥାନା ସୁନାମୁଣ୍ଡା ଗ୍ରାମର ରୋହିତ ତଥା ମୋହିତ ବେହେରା। ସେ ରାଉରକେଲା ଷ୍ଟେସନ ଓ ଜନ ଗହଳି ଅଞ୍ଚଳରୁ ଚୋରି କରି ଫେରାର ହୋଇଯାଉଥିଲା। ଗତ ୧୭ ତାରିଖ ଦିନ ଦେବଗଡ଼ ସହରର ତୁଷାରକାନ୍ତ ସଂଗ୍ରାମ କେଶରୀ କପର୍ଦ୍ଦାରଙ୍କ ମୋବାଇଲ ଦୋକାନରୁ ଗୋଟିଏ ମୋବାଇଲ ଚୋରି ଅଭିଯୋଗର ତଦନ୍ତ ବେଳେ ଅଭିଯୁକ୍ତଠାରୁ ଗୋଟିଏ ପରେ ଗୋଟିଏ ଲୁଟ୍ ସାମଗ୍ରୀ ଜବତ ହୋଇଛି। ଦେବଗଡ଼ ଆଦର୍ଶ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମାମଲାର ତଦନ୍ତକାରୀ ଅଧିକାରୀ ଦିବ୍ୟ ଓରାମଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



## ବ୍ରଜରାଜନଗର ରେଲଷ୍ଟେସନରୁ ୮.୯୨୬ କିଗ୍ରା ଗଞ୍ଜେଇ ଜବତ

**ବ୍ରଜରାଜନଗର, ୨୧।୩(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ରେଳ ଷ୍ଟେସନରୁ ଗୁରୁବାର ରେଳବାଇ ପୁଲିସ ୮ କେଜି ୯୨୬ ଗ୍ରାମ ଗଞ୍ଜେଇ ଜବତ କରିଛି। ସୂଚନା ଅନୁଯାୟୀ ବ୍ରଜରାଜନଗର ରେଲଷ୍ଟେସନରୁ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ପୁଲିସକୁ ଖବର ମିଳିଥିଲା। ପୂର୍ବ ଯୋଜନା ମୁତାବକ ଜିଆରପି ପୁଲିସ ପ୍ଲାଟଫର୍ମରେ ଜଗି ରହିଥିବା ବେଳେ ୧ ନମ୍ବର ପ୍ଲାଟଫର୍ମର ଶେଷ ପଟକୁ ଏକ ନୂଆ ବ୍ୟାଗ ଦୀର୍ଘ ସମୟ ଧରି ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ପୁଲିସ ସନ୍ଦେହରେ ବ୍ୟାଗ ଖୋଲିବାରେ ସେଥିରେ ଗଞ୍ଜେଇ ଥିବା ଦେଖି ପଦସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ। ସହକାରୀ ଜିଲ୍ଲାପାଳ ବିବେକ ରଞ୍ଜନ ସାହୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସି ତାଙ୍କ ଉପସ୍ଥିତିରେ ଗଞ୍ଜେଇ ଭର୍ତ୍ତି ବ୍ୟାଗକୁ ଜବତ କରାଯାଇଛି। ତେବେ ଗଞ୍ଜେଇ କିଏ ନେଇ ଆସିଥିଲା ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି।



## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା

**ଝାରସୁଗୁଡ଼ା, ୨୧।୩(ସମିସ):** ବୁରୋମାଲ ବୁଡାପଡ଼ାଠାରେ ଅବସ୍ଥିତ ଜିଲ୍ଲା ଦିବ୍ୟାଙ୍ଗ ସ୍କୁଲରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅନ୍ତର୍ଗତ ଜାତୀୟ ନ୍ୟାସ ଆଦେଶ ଅନୁସାରେ ଗୁରୁବାର ମାନସିକ ଅନଗ୍ରସର ଛାତ୍ରଛାତ୍ରୀମାନେ ଝାଡ଼େଶ୍ୱରୀ ସ୍ୱତନ୍ତ୍ର ବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଛନ୍ତି। ସେମାନେ ପ୍ଲାକାର୍ଡ଼ ଧରି ବିଭିନ୍ନ ସ୍ଲୋଗାନ ଦେଇ ବୃନ୍ଦାବନ କଲୋନୀ, ସରବାହାଲ ଦେଇ ଗୌନ୍ତିଆପଡ଼ା ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ସଚେତନତା ପାଇଁ ଏକ ସଭା ହୋଇଥିଲା। ଏଥିରେ ଅଧ୍ୟକ୍ଷା ନମିତା ନାଥ ସଭା ପରିଚାଳନା କରିଥିବା ବେଳେ ସ୍କୁଲର ପ୍ରତିଷ୍ଠାତା ଶ୍ରୀ ମିଶ୍ର, ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ ଯୋଗଦେଇ ଦିବ୍ୟାଙ୍ଗଙ୍କ ପ୍ରତି ସମାଜ ଯତ୍ନଶୀଳ ହେଲେ ସେମାନେ ଆଗକୁ ବଢ଼ିବାକୁ ସୁଯୋଗ ପାଇବେ ବୋଲି ବକ୍ତବ୍ୟ ରଖିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ସସ୍ମିତା ବରାଳ ଧନ୍ୟବାଦ ଦେଇଥିଲେ।




## ଅଦିନିଆ ବର୍ଷାରେ ଫସଲ ନଷ୍ଟର କ୍ଷତିପୂରଣ ଦାବି

**ଦେବଗଡ଼, ୨୧।୩(ସମିସ):** ଅଦିନିଆ ବର୍ଷା ଯୋଗୁଁ ଦେବଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଦୁଇ ଦିନ ଧରି ଅଦିନିଆ ବର୍ଷା ପ୍ରଭାବରେ ସୂର୍ଯ୍ୟମୁଖୀ, ପିଆଜ, ତରଭୁଜ ଫସଲ ସହ ବିଭିନ୍ନ ପନିପରିବା ଚାଷ ନଷ୍ଟ ହୋଇଛି। ଏହା ଫଳରେ ଅଞ୍ଚଳର ଚାଷୀ ମୁଣ୍ଡରେ ଚିନ୍ତା ବାଢ଼ିଛି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କ ଫସଲର କ୍ଷୟକ୍ଷତି ଆକଳନ କରାଯାଇ ନ ଥିବାରୁ ଚାଷୀ ଅଧିକ ଚିନ୍ତାଗ୍ରସ୍ତ ହୋଇଛି। ଏଣୁ ଚାଷୀଙ୍କ ଫସଲର କ୍ଷୟକ୍ଷତି ଆକଳନ କରାଯାଇ ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନୀଳମାଧବ ନାୟକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସିଦ୍ଧେଶ୍ୱର ଗୁରୁ, ଲୁଲୁ ପ୍ରଧାନ, ଶ୍ରୀତମ ସାହୁ ଓ ଆକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ସୀମାନ୍ତବର୍ତ୍ତୀ ବୁଥ୍ ପରିଦର୍ଶନ

**ଝାରସୁଗୁଡ଼ା, ୨୧।୩(ସମିସ):** ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଅବୋଲି ସୁନିଲ ନରୱଣେ ଗୁରୁବାର ଛତିଶଗଡ଼ ସୀମାନ୍ତବର୍ତ୍ତୀ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଅନ୍ତର୍ଗତ ବୁଥ୍ ପରିଦର୍ଶନ କରିଛନ୍ତି। ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ସେ ବୁଥ୍ ଗୁଡିକରେ ଆନୁସଙ୍ଗିକ ସୁବିଧା ଓ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବୁଥ୍ ମାନଙ୍କରେ ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଓ ଶୌଚାଳୟ ଆଦି କାର୍ଯ୍ୟକ୍ଷମ ଥିବା ନେଇ ସମୀକ୍ଷା କରିବା ସହ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିକାର ସଠିକ ଅନୁପାଳନ ପୂର୍ବକ ଆସନ୍ତା ନିର୍ବାଚନ ଯେପରି ତ୍ରୁଟିବିହୀନ ଓ ସ୍ୱଚ୍ଛତାର ସହ ଅନୁଷ୍ଠିତ ହେବ ସେ ଦିଗରେ ଯତ୍ନବାନ ହେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ବନଖଣ୍ଡ କାର୍ଯ୍ୟାଳୟରେ ବିଶ୍ୱ ବନ ଦିବସ

**ଦେବଗଡ଼, ୨୧।୩(ସମିସ):** ଦେବଗଡ଼ ବନଖଣ୍ଡ କାର୍ଯ୍ୟାଳୟରେ ଗୁରୁବାର ବିଶ୍ୱ ବନ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଏସିଏଫ ସିଦ୍ଧାର୍ଥ ଶଙ୍କର ସାହୁ ଓ ସ୍ୱାଧୀନ ସାହାଣୀ ଉପସ୍ଥିତ ଥିଲେ। ନୂତନ ଜଙ୍ଗଲ ସୃଷ୍ଟି ଓ ବନାଗ୍ନି ନିୟନ୍ତ୍ରଣ ନେଇ ବନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବନଖଣ୍ଡ ଅଧିକାରୀ ଶ୍ରୀ ରାଓସୋ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପୂର୍ବରୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସେହିପରି ଚଳିତ ବର୍ଷର ଶ୍ରେଷ୍ଠ ବନପାଳ ଭାବେ ପାଲଲହଡା ଫରେଷ୍ଟ ରେଞ୍ଜ ପାଲଲହଡା ସେକ୍ସନର ଶ୍ୟାମ ସୁନ୍ଦର ବେହେରା, ରିଆମାଳ ରେଞ୍ଜ ପଳସମା ସେକ୍ସନର ହେମନ୍ତ ବରିହା, ଦେବଗଡ଼ ରେଞ୍ଜ ତିଳେଇବଣି ସେକ୍ସନର କାର୍ତ୍ତିକେୟ ପ୍ରଧାନ ଓ ବାରକୋଟ ରେଞ୍ଜ ଦନ୍ତାରିବାହାଲ ସେକ୍ସନର କିରଣବାଳା ନନ୍ଦଙ୍କୁ ବିଭାଗ ପକ୍ଷରୁ ମେଡାଲ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ବନରକ୍ଷୀ ଭାବେ ପାଲଲହଡା ରେଞ୍ଜ ରାଇପାଳ ବିଟର ରୁପାଲୀ ସେଠି, ରିଆମାଳ ରେଞ୍ଜ ନୂଆଡ଼ିହ ବିଟର ଘୃତାଞ୍ଜଳି ସାହୁ, ଦେବଗଡ଼ ରେଞ୍ଜ ପୋହଳାମରା ବିଟ୍‌ର ସନ୍ଧ୍ୟାରାଣୀ ରାଉତ, ବାରକୋଟ ରେଞ୍ଜ ବଳମ ବିଟର ଗୀତାଞ୍ଜଳି ବିଶ୍ୱାଳ ଓ ଖମାର ରେଞ୍ଜ ରଞ୍ଜକପିଟା ବିଟର ଫ୍ରାନ୍ସିକା ମାଝୀଙ୍କୁ ବନଖଣ୍ଡ ଅଧିକାରୀ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରିଆମାଳ ଫରେଷ୍ଟ ରେଞ୍ଜ ଅଫିସର ନିଆଞ୍ଜନ ଧାରୁଆ, ପାଲଲହଡ଼ା ରେଞ୍ଜ ଅଫିସର ରମେଶ ଚନ୍ଦ୍ର ତ୍ରିପାଠୀ, ଖମାର ରେଞ୍ଜ ଅଫିସର ମନୋଜ ତିଗ୍ଗା, ଫରେଷ୍ଟର କାର୍ତ୍ତିକେୟ ପ୍ରଧାନ, ଭୀମସେନ ଶତପଥୀ, ତୁଷାର ରଞ୍ଜନ ପ୍ରଧାନ, ହେମନ୍ତ ବରିହା ପ୍ରମୁଖ ଉପସ୍ଥିତ ଥିଲେ।



## ୫ ବନ ଅଧିକାରୀ, କର୍ମଚାରୀ ପୁରସ୍କୃତ

**ଦେବଗଡ଼, ୨୧।୩(ସମିସ):** ବିଶ୍ୱ ବନ ଦିବସ ଉପଲକ୍ଷେ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଦେବଗଡ଼ ବନଖଣ୍ଡର ୫ ଅଧିକାରୀ ଓ କର୍ମଚାରୀଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଛି। ଦେବଗଡ଼ ବନଖଣ୍ଡର ପୂର୍ବତନ ଦେବଗଡ଼ ବନାଞ୍ଚଳ ଅଧିକାରୀ ଦିବ୍ୟଶଙ୍କର ବେହେରା, ବାରକୋଟ ବନାଞ୍ଚଳର ବନପାଳ ପ୍ରିତମ ସାହୁ, ପାଲଲହଡା ବନାଞ୍ଚଳର ବନପାଳ ସୁଧାଂଶୁ ବେହେରା, ଦେବଗଡ଼ ସେକ୍ସନ ବନରକ୍ଷୀ ଅଶୋକ ପାତ୍ନା, ବଳମ ସେକ୍ସନ ବନରକ୍ଷୀ ଭୁବନେଶ୍ୱରୀ ସାହୁଙ୍କୁ ପଦକ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି।



## ଦେବଗଡ଼ ପୌରାଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ

**ଦେବଗଡ଼, ୨୧।୩(ସମିସ):** ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗୁରୁବାର ଜିଲ୍ଲା ପୁଲିସ ପକ୍ଷରୁ ଦେବଗଡ଼ ପୌରାଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ସନ୍ଧ୍ୟାରେ ଆଦର୍ଶ ଥାନା ପରିସରରୁ ଏସଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ୧୫ ଜଣ ଅଧିକାରୀ ଓ ୩ ପ୍ଲାଟୁନ ସଶସ୍ତ୍ର ବାହିନୀ ମୁଖ୍ୟ ବଜାର, ଗୋପବନ୍ଧୁ ଛକ, ଘରୋଇ ବସଷ୍ଟାଣ୍ଡ ଛକ, ପୁରୁଣା ପୋଷ୍ଟ ଅଫିସ ଛକ ଦେଇ ସହରର ବିଭିନ୍ନ ସାହିଗଳିରେ ଫ୍ଲାଗମାର୍ଚ୍ଚ କରିଥିଲେ। ଅବାଧ ଓ ଭୟମୁକ୍ତ ନିର୍ବାଚନ ନିମନ୍ତେ ଜନସାଧାରଣଙ୍କ ସହ ପୁଲିସ ସର୍ବଦା ସୁରକ୍ଷା ପାଇଁ ନିୟୋଜିତ ଥିବା ବାର୍ତ୍ତା ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ଏସଡିପିଓ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି।

## ବଦଳିଲେ ଦେବଗଡ଼ ଏସ୍‌ପି

**ଦେବଗଡ଼, ୨୧।୩ (ସମିସ):** ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ଗୁରୁବାର ଦେବଗଡ଼ ଏସ୍‌ପି ରାମ ପ୍ରସାଦ ସାହୁଙ୍କ ବଦଳି ହୋଇଛି। ୨୦୨୪ ସାଧାରଣ ନିର୍ବାଚନ ନିର୍ବାଚନ ପରିଚାଳନା



ନିମନ୍ତେ ନେତୃତ୍ୱ ନେବା ପାଇଁ ଯେଉଁ ସବୁ ଜିଲ୍ଲାରେ ନନ୍ କ୍ୟାଡର ଭାରତୀୟ ପ୍ରଶାସନିକ ସେବା କିମ୍ବା ଭାରତୀୟ ପୁଲିସ ସେବା ର୍‌ୟାଙ୍କର ଅଧିକାରୀ ନ ଥିଲେ ସେହି ସ୍ଥାନରେ କମିଶନଙ୍କ ନିର୍ଦ୍ଦେଶରେ ବଦଳି ତାଲିକା ପ୍ରକାଶ ପାଇଛି। ଦେବଗଡ଼ ଜିଲ୍ଲା ତଥା ବିଧାନସଭା କ୍ଷେତ୍ରରେ ଦେବଗଡ଼ ଏସପି ରାମ ପ୍ରସାଦ ସାହୁ ନନ୍ କ୍ୟାଡର ଅଧିକାରୀ ଥିବାରୁ ତାଙ୍କୁ ନିର୍ବାଚନ କମିଶନଙ୍କ ଆଦେଶରେ ବଦଳି କରାଯାଇଛି। ଗତ ଜାନୁଆରୀ ୩୧ ତାରିଖରେ ଦେବଗଡ଼ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳିତ

**ବନ୍ଧବାହାଲ, ୨୧।୩(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବନ୍ଧବାହାଲରେ କଣ୍ଢେଇ ଦିବସ ପାଳିତ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର ପ୍ରଧାନଆଚାର୍ଯ୍ୟ ରାକେଶ କୁମାର ପଣ୍ଡାଙ୍କ ଅଧକ୍ଷତାରେ କଣ୍ଢେଇ ଦିବସ ପାଳନ ହୋଇଯାଇଅଛି। ଥଣ୍ଡା ପରିବେଶ ହେଲେ ମଧ ୧୦୭ ଜଣ କୁନିକୁନି ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ତଥା ତନ୍ତୁ, ମାଟି, କାଠରେ ତିଆରି କଣ୍ଢେଇ ନେଇ ଖୁସି ମନରେ ବିଦ୍ୟାଳୟ ପରିସରରେ ପହଁଚିଥିଲେ। ସକାଳ ୮ ଟାରେ ଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ ହୋଇ ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଶିଶୁ ବାଟିକା ପ୍ରମୁଖ ରୋଜାଲି ହୋତା କଣ୍ଢେଇ ଦିବସ ପାଳନର ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ ଶିଶୁ ମାନଙ୍କ ସହଯୋଗରେ ଗୁରୁଜୀ ସୀମାଞ୍ଚଳ ଜେନା କଣ୍ଢେଇ ନାଚ ଦେଖାଇଥିଲେ। ଏହି ପ୍ରଦର୍ଶନୀ ମାଧ୍ୟମରେ ଶିଶୁର ଶାରୀରିକ, ଜ୍ଞାନକୋଷ, ସାମାଜିକ ବିକାଶ ହେବାରେ ସହଯୋଗ କରିବ। ଶେଷରେ ପ୍ରାୟ ୮୦ରୁ ଅଧିକ ପ୍ରକାର କଣ୍ଢେଇଙ୍କ ଏକ ପ୍ରଦର୍ଶନୀ କରାଯାଇଥିଲା। ଅଭିଭାବକ ଅଭିଭାବିକାମାନେ ବହୁତ ଆନନ୍ଦିତ ହୋଇଥିଲେ। ଏଥିରେ ପ୍ରଜ୍ଞା ଦାସ ଓ ସ୍ମୃତି ପଣ୍ଡା ଗୁରୁମା' ସହଯୋଗ କରିଥିଲେ।

## ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ି; ଅନ୍ଧାରରେ ଗାଁ

# ବିଦ୍ୟୁତ୍ ସଂଯୋଗ ନ ହେଲେ ଆନ୍ଦୋଳନ ଚେତାବନୀ

**ଦେବଗଡ଼, ୨୧।୩(ସମିସ)**

ତିଳେଇବଣି ବ୍ଲକ ଦୁଧିଆନାଳୀ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡ ଗୋହିରା ଗ୍ରାମରେ ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡିଯିବା କାରଣରୁ ୪ ଦିନ ହେଲା ଗାଁ ସମ୍ପୂର୍ଣ୍ଣ ଅନ୍ଧାର ହୋଇପଡ଼ିଛି। ସେହିପରି ଡ଼ିମିରିକୁଦା ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ନାଗଗୁଡା ଗ୍ରାମରେ ଗତ ଏକ ବର୍ଷ ଧରି ଟ୍ରାନ୍ସଫର୍ମର ପୋଡ଼ିଥିବା କାରଣରୁ ବିଦ୍ୟୁତରୁ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ଡିଜିଟାଲ ଯୁଗରେ ବିଦ୍ୟୁତ ସେବାରୁ ବଞ୍ଚିତ ହେବା କରଣରୁ ଉପରୋକ୍ତ ତଥା ଗ୍ରାମବାସୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ସଂଯୋଗ ନ ଥିବା ଯୋଗୁଁ ପିଲାଙ୍କ ପାଠ ପଢ଼ାରେ ସମସ୍ୟା ଦେଖା ଦେଉଛି। ଲୋକେ ମୋବାଇଲ ଫୋନ ମଧ ଚାର୍ଜ କରିପାରୁନାହାନ୍ତି। ଏ ନେଇ ଗ୍ରାମବାସୀ ବହୁବାର ଟାଟା ପାୱାର କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି; ହେଲେ ଗ୍ରାମବାସୀଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଗୁରୁବାର ଏହି ସବୁ ଗ୍ରାମର ବିଦ୍ୟୁତ ଉପୋଭୋକ୍ତା ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଗ୍ରାମରେ ବିଜୁଳି ଆଲୁଅ ପହଞ୍ଚାଇବା ନେଇ ଟାଟା ପାୱାର କମ୍ପାନୀ ପଦକ୍ଷେପ ନ ନେଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।



### ଶୁଣୁ ନାହାନ୍ତି ଟିପିଡବ୍ଲ୍ୟୁଓଡିଏଲ୍ ଅଧିକାରୀ

## ପିକେଏସ୍‌ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରକୃତି ଶିବିର

**ଝାରସୁଗୁଡ଼ା, ୨୧।୩(ସମିସ):** ସ୍ଥାନୀୟ ହଂ.କଟାପାଲି ସ୍ଥିତ ପିକେଏସଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇକୋ କ୍ଲବ ଓ ଓଡ଼ିଶା ସରକାରଙ୍କ ଅଧିନସ୍ଥ ଜଙ୍ଗଲ ଓ ପାଣିପାଗ ପରିବର୍ତ୍ତନ ବିଭାଗର ମିଳିତ ଆନୁକୂଲ୍ୟରେ ହୀରାକୁଦ ବନାଞ୍ଚଳ ଅନ୍ତର୍ଗତ ଡେବ୍ରିଗଡ଼ରେ ଏକ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଅଂଶଗ୍ରହଣ କରି ପ୍ରାକୃତିକ ଶୋଭା ତଥା ବନ୍ୟଜନ୍ତୁଙ୍କ ବିଷୟରେ ଜ୍ଞାନ ଆହରଣ ତଥା ତାଲିମପ୍ରାପ୍ତ କରିଥିଲେ। ଅନୁଷ୍ଠାନର ଇକୋ କ୍ଲବ ସଂଯୋଜିକା ଧରିତ୍ରୀ ପଟେଲ, ପ୍ରକୃତି ପ୍ରେମୀ ତଥା ବନ୍ୟଜନ୍ତୁ ସଂରକ୍ଷକ ପ୍ରହଲ୍ଲାଦ ନାଏକ, ଅବସରପ୍ରାପ୍ତ ଉପ ରେଞ୍ଜ ଅଧିକାରୀ ରମେଶ ଚନ୍ଦ୍ର ନାଥ ଏବଂ ଡିଇଏସ ସଭ୍ୟ ପ୍ରଜ୍ୱଳ କୁମାର ପଟେଲ ଏହି ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ହୀରାକୁଦ ବନାଞ୍ଚଳର ରେଞ୍ଜର ରାଜେଶ କୁମାର ମହାନ୍ତି ଜଙ୍ଗଲ ଓ ବନ୍ୟଜନ୍ତୁମାନଙ୍କର ସଂରକ୍ଷଣ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ତାଲିମପ୍ରାପ୍ତ ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରକୃତି ଶିବିରର ସଫଳ ରୂପାୟନ ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ମେହେର ସମସ୍ତ ଅଂଶଗ୍ରହଣକାରୀ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ହାବସପୁରୀ ଶାଢ଼ି ଓ ବସ୍ତ୍ରର ବଦଳିବ ଭାଗ୍ୟ





**ଭବାନୀପାଟଣା, ୨୧।୩ (ସମିସ)**

ହାବସପୁରୀ ବସ୍ତ୍ର ତଥା ଶାଢ଼ୀ ପାଇଁ କଳାହାଣ୍ଡି ଜିଲ୍ଲାର ହସ୍ତତନ୍ତ କାରିଗରୀକୌଶଳ ବେଶ ପ୍ରସିଦ୍ଧି ଲାଭ କରିଛି। କେବଳ ସେତିକି ନୁହେଁ, ସ୍ୱତନ୍ତ୍ର ରୁଚି ରଖୁଥିବା ବ୍ୟକ୍ତିଙ୍କ ମନକୁ ହାବସପୁରୀ ବସ୍ତ୍ର ବାନ୍ଧି ରଖିବାରେ ସକ୍ଷମ ହୋଇଛି। କଳା ନୈପୁଣ୍ୟତାର ଧାରା ସମ୍ପୂର୍ଣ୍ଣ ନିଆରା। ଆକର୍ଷଣ ଓ ଚାହିଦା ବୃଦ୍ଧି କାରଣରୁ ଜିଆଇ ଟ୍ୟାଗ ମାନ୍ୟତା ପାଇବାର ସୌଭାଗ୍ୟପ୍ରାପ୍ତ ମଧ୍ୟ ହୋଇଛି। ଏବେ ଜିଲ୍ଲା ପ୍ରଶାସନ ହାବସପୁରୀ ହସ୍ତତନ୍ତ ବୁଣାକାରମାନଙ୍କ ସ୍ୱାର୍ଥ ପାଇଁ ତତ୍ପରତା ପ୍ରକାଶ କରିଥିବା ଲକ୍ଷ୍ୟ କରାଯାଇଛି। ଇତି ମଧ୍ୟରେ ଗତ ମାର୍ଚ୍ଚ ୫ ତାରିଖ ଦିନ ତାଲିମ୍ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬୦ ଜଣ ତାଲିମ୍ ନେବାକୁ ଥିବାବେଳେ ଦୁଇଟି ତନ୍ତୁବାୟୀ ମେସିନ ଦ୍ୱାରା ଏବେ ୨୦ ଜଣ ତାଲିମ୍ ନେଉଛନ୍ତି। ବୁଣାକାରମାନେ କହିଛନ୍ତି ଯେ ଅଧିକ ମେସିନ୍ ଯୋଗାଇଲେ ଅନ୍ୟ ବୁଣାକାର ମାନେ ଉପକୃତ ହେବେ। ହାବସପୁର, ଚିଚେଇଗୁଡା ଗ୍ରାମ ଓ ନେହୁରୂପଡ଼ା ଏବେ ହାବସପୁର ବସ୍ତ୍ର ଲାଗି ଚର୍ଚ୍ଚାରେ। କିନ୍ତୁ ଗତ କିଛି ବର୍ଷ ଧରି ବୁଣାକାରମାନେ ଏହି କୌଳିକ ବୃତ୍ତି ପ୍ରତି ମୁହଁ ଫେରାଇ ନେଇଥିଲେ। କଞ୍ଚାମାଲର ଅଭାବ, ସରକାରୀ ପ୍ରୋତ୍ସାହନ ନ ମିଳିବା ଏବଂ ଉନ୍ନତମାନର ଯନ୍ତ୍ରପାତିର ଅଭାବ ସହିତ ତାଲିମ ବ୍ୟବସ୍ଥା ନ ଥିବା ଯୋଗୁଁ ଘୋର ସଙ୍କଟମୟ ସ୍ଥିତିକୁ ସାମ୍ନା କରିବାକୁ ପରିସ୍ଥିତି ବାଧ୍ୟ କରିଥିଲା। ପ୍ରାୟ ଅଧିକାଂଶ ବୁଣାକାର ପରିବାର ନିଜ ବୃତ୍ତିଠାରୁ ଦୂରେଇଯାଇ ଅନ୍ୟ ଧନ୍ଦାରେ ନିଜକୁ ନିୟୋଜିତ କରି ବ୍ୟସ୍ତ ରହିଲେ। ବେପାର କମିଗଲା ଫଳରେ ହାବସପୁରୀ ଶାଢ଼ୀ ବିଲୁପ୍ତ ହେବାର ଭୟ ମନରେ ଗ୍ରାସ କରିବା ଆରମ୍ଭ ହୋଇଥଲା। ଭଙ୍ଗା ଦଦରା ଭିତ୍ତିଭୂମିକୁ ନେଇ ବୁଣାକାରମାନେ ଅଣ୍ଟାକୁ ସଳଖ କରି ଛିଡା ହେବାକୁ ମନରେ ସାହାସ ଜୁଟାଇ ପାରିଲେନାହିଁ। କଳାହାଣ୍ଡି ଜିଲ୍ଲାର ହାବସପୁର ଏକ ଚର୍ଚ୍ଚିତ ସ୍ଥାନ। କାରଣ ବହୁ ପ୍ରାଚୀନ ହାବସପୁରୀ ଶାଢ଼ୀ ପାଇଁ ଐତିହାସିକ ସ୍ମାରକୀ ବହନ କରି ମହିମାନ୍ୱିତ। ହାବସପୁରୀ ଶାଢ଼ୀ କିପରି ଆଉ କେବେ ଆଶାତୀତ ସଫଳତା ଲାଭ କଲା ତାହାର ସଠିକ ସମୟ ନିର୍ଣ୍ଣୟ କରି କହିବା ଅସମ୍ଭବ। ପୀଢ଼ି ପରେ ପୀଢ଼ି ତନ୍ତୁବାୟ ଭଳି ଶିଳ୍ପକୁ ଆଦରି ନେଇ ଆସିଛନ୍ତି। ହାବସପୁରୀ ଶାଢ଼ୀର ସ୍ୱତନ୍ତ୍ର ପ୍ରସ୍ତୁତି ଶୈଳୀ ଓ ଡିଜାଇନ ଗୁଡ଼ିକ ଏତେ ଆକର୍ଷଣୀୟଥିଲା ଯେ ରାଜ୍ୟ କାହିଁକି ରାଜ୍ୟ ବାହାରେ ମଧ୍ୟ ଚାହିଦା ଅତି ଉଚ୍ଚକୋଟିର ହୋଇପାରିଛି। ହସ୍ତତନ୍ତ ତଥା ତନ୍ତୁବାୟ ଶାଢ଼ୀ ପ୍ରସ୍ତୁତି ପାଇଁ କଳାହାଣ୍ଡି ଜିଲ୍ଲାରେ ହାବସପୁର ଓ ଚିଚେଇଗୁଡା ଏହି ଦୁଇଟି ସ୍ଥାନ ଖୁବ ପ୍ରସିଦ୍ଧି ଲାଭ କରିଛି। ହାବସପୁର ଗ୍ରାମକୁ ନୂଆ ପରିଚୟ ଦେବାରେ ବୁଣାକାରମାନଙ୍କ ଅକ୍ଳାନ୍ତ ପରିଶ୍ରମ ହିଁ ଦାୟୀ ବୋଲି କୁହାଯାଇପାରେ। ସୁନ୍ଦର ମନଲୋଭା କଳାର ସମ୍ଭାରକୁ ନେଇ ବୁଣା ଯାଉଥିବା ଶାଢ଼ୀର ନାମକରଣ ଶେଷରେ ହାବସପୁରୀ ଶାଢ଼ୀ ରୂପେ ବେଶ ପରିଚୟ ପାଇବାରେ ସକ୍ଷମ ହୋଇଥିବା କଥା କେହି ଅସ୍ୱୀକାର କରି ପାରିବେନାହିଁ। ଏପରିକି



ହାବସପୁରୀ ଶାଢ଼ୀ ଓ ଭଳିକି ଭଳି ଡିଜାଇନ କପଡ଼ା ପାଇଁ ଗତ ୨୦୧୨ ମସିହା ଜୁଲାଇ ୧୭ ତାରିଖରେ ଜିଆଇ ଟ୍ୟାଗ (ନମ୍ବର-୨୧୯/ ସାର୍ଟିଫିକେଟ ନମ୍ବର-୧୭୭) ମାନ୍ୟତା ପାଇବାର ସୁଯୋଗ ସୃଷ୍ଟି କରିବାରେ ସଫଳ ହୋଇଛି। କିନ୍ତୁ ସମୟ ସାଥ ଦେଇପାରିନି। ଧୀରେ ଧୀରେ ଭିତ୍ତିଭୂମି ନଷ୍ଟ ହେବା ସହିତ କଞ୍ଚାମାଲ ସଂଗ୍ରହରେ ସଙ୍କଟ ଦେଖାଦେବା ବୁଣାକାରମାନଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଲା। ସୋସାଇଟି ସବୁ ଭାଙ୍ଗିରୁଜି ଯିବା ଦ୍ୱାରା ହସ୍ତତନ୍ତ ବ୍ୟବସାୟକୁ ନେଇ ତିଷ୍ଠିବା ଚିନ୍ତା ବୁଣାକାର ପରିବାର ମଧ୍ୟରେ ବିରାଟ ଶୂନ୍ୟତା ଦେଖିବା ସାର ହେଲା। ଆଜି ଦିନରେ ବୁଣାକାର ପରିବାର କଥା ଯଦି କୁହାଯାଏ ତେବେ ପ୍ରଥମେ ୧୧୪ ବୁଣାକାର ପରିବାର ଥିବାବେଳେ ଏବେ ମାତ୍ର ୧୦ ରୁ ୨୦ ବୁଣାକାର ପରିବାର କଷ୍ଟେମଷ୍ଟେ ନିଜ କୌଳିକ ବୃତ୍ତିକୁ ନେଇ କଷ୍ଟରେ ଜୀବନ କାଟୁଛନ୍ତି। ଖୁସିର କଥା ହାବସପୁରୀ ଶାଢ଼ୀ ବା ବସ୍ତ୍ର ପ୍ରସ୍ତୁତି ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଥିବା ସୂଚନା ମିଳିଛି। କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ହାବସପୁରୀ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ପ୍ରତ୍ୟକ୍ଷ ଭାବେ ହାବସପୁର ଓ ଚିଚେଇଗୁଡା ଗସ୍ତ କରିଥିଲେ। ବୁଣାକାର ପରିବାର ସହିତ ସିଧାସଳଖ ସମ୍ପର୍କ ଯୋଡି ସେମାନଙ୍କର ଅଭାବ ଅସୁବିଧା ଓ ଭିତ୍ତିଭୂମି ସମ୍ପର୍କରେ ଟିକିନିଖି ଖବର ନେଇଥିଲେ। ପରବର୍ତ୍ତୀ ସମୟରେ କାର୍ଯ୍ୟ ହସ୍ତତନ୍ତ ବିଭାଗକୁ ହାବସପୁରୀ ସୋସାଇଟୀ ଗୁଡିକର ତଥା ତନ୍ତୁବାୟ ସମିତି ଗୁଡିକର ଭିତ୍ତିଭୂମି ନିର୍ମାଣ, କଞ୍ଚାମାଲ ଯୋଗାଣ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଲକ୍ଷ୍ୟ ରଖି ୨ କୋଟି ୨୬ ଲକ୍ଷ ଟଙ୍କାର ପ୍ରକଳ୍ପ ରିପୋର୍ଟ ପଠାଇଥିଲେ। ଧୀରେ ଧୀରେ କଞ୍ଚାମାଲ ଓ ଭିତ୍ତିଭୂମି ସମସ୍ୟା ଦୂର ହୋଇଗଲେ ଶତାଧିକ ବୁଣାକାର ପରିବାରଙ୍କ ମୁହଁରେ ହସ ଫୁଟିବ ଓ ସେମାନେ ପୁଣି ହସ୍ତତନ୍ତ ଭଳି ବୁଣାକାର ବୃତ୍ତିକୁ ଆଦରି ନେଇ ଫେରିବେ।

# 'ପ୍ରତି ଶିଶୁକୁ ଗୋଟିଏ ଲେଖାଏ କଣ୍ଢେଇ'

**ବୌଦ୍ଧ, ୨୧।୩ (ସମିସ):** ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନେ କଣ୍ଢେଇପ୍ରିୟ। ପ୍ରତି ଶିଶୁ ଗୋଟିଏ ଲେଖାଏଁ କଣ୍ଢେଇ। ତେଣୁ କଣ୍ଢେଇ ମାଧ୍ୟମରେ ଶିଶୁଙ୍କୁ ଶିକ୍ଷାଦାନ କଲେ ତାହା ଜୀବନ୍ତ ହୋଇଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ




ସାହୁ ମତବ୍ୟକ୍ତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁବାଟିକା ପ୍ରମୁଖ ନବୀନ ସାହୁଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟରେ କଣ୍ଢେଇ ପ୍ରଦର୍ଶନୀ ହୋଇଥିଲା।

# ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ରାଶି ଆତ୍ମସାତ

**ନୂଆପଡ଼ା, ୨୧।୩(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ଭାଲେଶ୍ୱର ପଞ୍ଚାୟତ ସରେଇପାଲି ଗ୍ରାମର ଜଣେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ରାଶି ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ତଦନ୍ତ କରିବାକୁ ନୂଆପଡ଼ା ଜିଲ୍ଲାଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି; ହେଲେ ଅଫିସରୁ ଫାଇଲ ଗାଏବ ହୋଇଯାଥିବା ଘଟଣାକୁ ରହସ୍ୟାବୃତ୍ତ କରୁଛି। ପୂର୍ବତନ ଶ୍ରମ ଅଧିକାରୀଙ୍କୁ ଘଣ୍ଟ ଘୋଡାଇବା ପାଇଁ ଉଦ୍ୟମ ଚାଲିଥିବା ନେଇ ଚର୍ଚ୍ଚା ଜୋର ଧରିଛି।

ସରେଇପାଲି ଗ୍ରାମର ଜମିହୀନ ପୁରୁଶୋତ୍ତମ ରାଉତ ଓ ସ୍ତ୍ରୀ କୁମାରୀ ରାଉତ କୁଲିମଜୁରୀ କରି ପରିବାର ପ୍ରତିପୋଷଣ କରୁଥିଲେ। ପର ଘରେ କାମ କଲେ ପରିବାର ଚଳୁଥିଲା। କିଛି ସରକାରୀ ସହାୟତା ପାଇବାକୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକ ଭାବେ ନାମ ପଞ୍ଜିକରଣ କରିଥିଲେ; ହେଲେ ଗତ ୨୦୨୦ ଜୁଲାଇ ୨ ତାରିଖ ଦିନ କୁମାରୀଙ୍କ ଅସ୍ୱାଭିକ ମୃତ୍ୟୁ ଘଟିଥିଲା। ସେପ୍ଟେମ୍ବର ୯ରେ ପୁରୁଷୋତ୍ତମ କୁମାରୀଙ୍କ ମୃତ୍ୟୁକାଳୀନ ସହାୟତା ପାଇଁ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ତତ୍କାଳୀନ ଜିଲ୍ଲା ଶ୍ରମ

- ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଫାଇଲ ଗାଏବ
- ପୂର୍ବତନ ଶ୍ରମ ଅଧିକାରୀଙ୍କୁ ଘଣ୍ଟ ଘୋଡାଇବା ପାଇଁ ଉଦ୍ୟମ
- ଅନ୍ୟ ଜଣେ ଅଣପଞ୍ଜିକୃତ ଶ୍ରମିକଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି



ଅଧିକାରୀଙ୍କୁ ପୁରୁଷୋତ୍ତମ ବ୍ୟାଙ୍କ ପାସବୁକ୍ ଆଧାର କାର୍ଡ ଓ କୁମାରୀଙ୍କ ମୃତ୍ୟୁ ପ୍ରମାଣପତ୍ର ସହ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ସରକାରୀ ନିୟମ ଅନୁଯାୟୀ ଯେ କୌଣସି ନିର୍ମାଣ ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଲେ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥାଏ। ତତ୍କାଳୀନ ଜିଲ୍ଲା ଶ୍ରମ ଅଧିକାରୀ ଖୁବ୍ ଶୀଘ୍ର ଜମାଖାତାରେ ସାହାଯତା ରାଶି ଜମା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ; ହେଲେ ଏଥିପାଇଁ ପୁରୁଷୋତ୍ତମ ଶ୍ରମ ଅଧିକାରୀଙ୍କ ନିକଟକୁ ଦୌଡ଼ି ନୟାନ୍ତ ହୋଇ ପଡ଼ିଲେ ସିନା କୌଣସି ନ୍ୟାୟ ମିଳିଲା ନାହିଁ। ଦୀର୍ଘ ୪ ବର୍ଷ ଅତିକ୍ରାନ୍ତ ପରେ କିଛି ମାସ ତଳେ ମୃତ କୁମାରୀଙ୍କ ମୃତ୍ୟୁକାଳୀନ ୨ଲକ୍ଷ ଟଙ୍କା ସହାୟତା ରାଶି ସାହିପଲା ଗ୍ରାମର ଅନ୍ୟଜଣେ ଅଣପଞ୍ଜିକୃତ ନିର୍ମାଣ ଶ୍ରମିକ ଖାତାରେ ୨୦୨୧ ଜଲାଇ ୯ ତାରିଖ ଜମା ହୋଇଥିଲା। ପୁରୁଷୋତ୍ତମ ଏ ସମ୍ପର୍କରେ ଜଣାଇଥିଲେ ମଧ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ କର୍ଣ୍ଣପାତ କରି ନ ଥିଲେ। ଶେଷରେ ସେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏହାର ତଦନ୍ତ କରିବାକୁ ବର୍ତ୍ତମାନ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ଏବେ ଫାଇଲ ମିଳୁନି। ଏ ନେଇ ନୂଆପଡ଼ା ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲାଙ୍କୁ ପଚାରିବାରୁ ସେହି ସମୟରେ କମ୍ପ୍ୟୁଟର ନ ଥିଲା। ଫାଇଲ ଖୋଜା ଚାଲିଛି। ନୂଆ ଶ୍ରମ କାର୍ଯ୍ୟାଳୟ ନିର୍ମାଣ ଚାଲିଥିବାରୁ ସବୁ ଫାଇଲ ଏଣେତେଣେ ହୋଇଯାଇଛି। ଏହା ଉପରେ ରାଜ୍ୟସ୍ତରୀୟ ଅଧିକାରୀଙ୍କୁ ମଧ ଜଣାଇ ଦିଆଯାଇଛି ବୋଲି କହିଛନ୍ତି।

# ଗିରଫ ଗଞ୍ଜେଇ ବେପାରୀ ଡାକ୍ତରଖାନାରେ ମୃତ

**ପାଟଣାଗଡ଼/ବେଲପଡ଼ା, ୨୧।୩ (ସମିସ):** ବେଲପଡା ପୁଲିସ ଜଣେ ଗଞ୍ଜେଇ ବେପାରୀକୁ ଧରି ସଂଜ୍ଞାହୀନ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଆବସ୍ଥା ସନ୍ଧ୍ୟାରେ ତାର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଗଞ୍ଜେଇ ବେପାରୀ ଜଣକ କୋଟି ସୂନ୍ଦର (୩୪) ହିନ୍ଦୀ ଭାଷାଭାଷୀ ହୋଇଥିବା ବେଳେ ସକାଳୁ ଯୋଗୀମୁଣ୍ଡାରୁ କପାଣୀ ରାସ୍ତା ଦେଇ ଏକ ବାଇକ୍ ଯୋଗେ ତିନି ଜଣ ଅଚିହ୍ନା ଯୁବକ ତାଙ୍କ କାନ୍ଧରେ ଏୟାର ବ୍ୟାଗ ମାନ ଧରି ଯାଉଥିଲେ। ଖବର ପାଇ ପୁଲିସ ସେମାନଙ୍କୁ ବାଇକ୍ ଯୋଗେ ଗୋଡ଼ାଇ ଥିବା ସମୟରେ ସେମାନେ ନୁନହାଡରୁ ସିହିନି ରାସ୍ତା ଦେଇ ଖସି ଯିବାକୁ ଉଦ୍ୟମ କରୁଥିଲେ। ବୁଲାଣିରେ ଦୁର୍ଘଟଣାଗ୍ରସ୍ତ ହେବାରୁ ବାଇକ୍ ଛାଡ଼ି ସେମାନେ ପାଖରେ ଥିବା ବିଲ ପଟକୁ ଦୌଡ଼ି ପଳାଉଥିଲେ। କାବୁ କରିବା ବେଳକୁ ପୁଲିସ ଭୟରେ ଯୁବକ ଜଣଙ୍କ ସଂଜ୍ଞାହୀନ ହୋଇ ପଡ଼ିରହିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଖବର ପାଇ ପାଟଣାଗଡ଼ ପୁଲିସ ଶବ ଜବତ କରିଛି। ବେଲପଡା ପୁଲିସ କୋଟିର ଏୟାର ବ୍ୟାଗରୁ ୨ କେଜି ଗଂଜେଇ ଜବତ ସହ ସେମାନେ ବ୍ୟବହାର କରୁଥିବା ବାଇକ୍ ଜବତ କରିଛି।

# ସାମ୍ବାଦିକ ଶଶିକାନ୍ତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି




**ହରଭଙ୍ଗା, ୨୧।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକର ସାମ୍ବାଦିକ ଶଶିକାନ୍ତ ସାହୁଙ୍କ ପରଲୋକରେ ଗୁରୁବାର ଭୈରବୀ କ୍ଲବଠାରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ଶୋକ ସଭା ଆୟୋଜିତ ହୋଇଯାଇଛି। ନାରାୟଣ ଭୋକ୍ତାଙ୍କ ଅଧ୍ୟକ୍ଷତରେ ସୁକାନ୍ତ ପଟ୍ଟନାୟକ, ସିମୁନ ନାଏକ, ବାସୁଦେବ ସାହୁ, ବିଭୁଦତ୍ତ ବୋଷ, ସୁଶାନ୍ତ ବେହେରା, କୁମୁଦ ଚନ୍ଦ୍ର ସାହୁ, ସଦାନନ୍ଦ ନାଏକ ପ୍ରମୁଖ ଶଶିକାନ୍ତଙ୍କ ସ୍ମୃତିଚାରଣ କରିଥିଲେ।

# ସାମୂହିକ ଚାରିଗ୍ରନ୍ଥ ପଠନ ସମାରୋହ

**ସୋନପୁର, ୨୧।୩ (ସମିସ):** ସୁବର୍ଣ୍ଣପୁରର ଇଷ୍ଟଦେବ ଶ୍ରୀ ସୁବର୍ଣ୍ଣମେରୁଙ୍କ ପୀଠରେ ସାମୂହିକ ବ୍ରତପୋନୟନ ଉତ୍ସବ ଓ ଚାରିଗ୍ରନ୍ଥ ପଠନ ମହାସମାରୋହରେ ପାଳିତ ହୋଇଯାଇଛି। ବୁଧବାରଠାରୁ ଏହି ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ତାହା ଉଦ୍ଯାପିତ ହୋଇଛି। ବୃନ୍ଦାବନ ଧାମରୁ ଶ୍ରୀ ସ୍ୱରୂପା ନନ୍ଦ ସରସ୍ୱତୀ ଓ ପୁରୀ ଧାମର ରାମଜୀ ମଠରୁ ଶ୍ରୀ ବଂଶୀଧର ଦାଶ ମହାରାଜ ଏଥିରେ ଯୋଗ ଦେଇଥିଲେ। ଅର୍ଜୁନ ରଥ ଓ ରାଲି ରଥ କର୍ତ୍ତା ଥିଲେ ଶ୍ରୀବତ୍ସ ମଲ୍ଲିକ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ମୁଖ୍ୟ ପଣ୍ଡିତ ଭାବେ ସ୍ଥାନୀୟ ଦୁର୍ଗା ମନ୍ଦିର ପୂଜକ ବରଗଡ଼ ନିବାସୀ ଗଣେଶ ଦାଶ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଆର୍ତ୍ତତ୍ରାଣ ବାବୁ, ଅଶ୍ୱିନୀ ଗୁରୁ, ରାଜୀବ ଲୋଚନ ଗୁରୁ, ପ୍ରଦୀପ ପୁରୋହିତ, ବୁଲୁ ପଣ୍ଡା, ନିରଞ୍ଜନ ତ୍ରିପାଠୀ, ଅମରେନ୍ଦ୍ର କୁମାର, ମନୋରଞ୍ଜନ ତ୍ରୀପାଠୀ, ମନୋଜ ପଣ୍ଡା, ଲଡୁ କିଶୋର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ବିନିକା ବ୍ରାହ୍ମଣ ସମାଜର କାର୍ଯ୍ୟକର୍ତ୍ତା ଆର୍ତ୍ତତ୍ରାଣ ପଣ୍ଡା, ଆଦିକନ୍ଦ ବାବୁ, ସୌମିତ୍ରି ପତି, ପ୍ରମୋଦ ପଣ୍ଡା, ଅଶ୍ୱିନୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଗୌଡ଼ଗାଁର ଦଧିବାମନ ମନ୍ଦିରରୁ ପୁରାଣ ପୁସ୍ତକ ସଂଗ୍ରହ ହୋଇଥିଲା। ଲକ୍ଷ୍ମଣ ପାଣ୍ଡିଆ ସଂଯୋଜନା କରିଥିଲେ।



## 2 ବର୍ଷହେଲା ପୁଅ ନିଖୋଜ; ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ମା'

# କାର୍ଯ୍ୟାନୁଷ୍ଠାନ ନେଉନି ମନମୁଣ୍ଡା ପୁଲିସ

**ଶଗଡ଼ା, ୨୧।୩(ସମିସ):** ନିଖୋଜ ନାବାଳକ ପୁଅକୁ ଖୋଜୁଛି ମାଆ। ଥାନାରେ ଲିଖିତ ଅଭିଯୋଗ କଲା ପରେ ମଧ୍ୟ ପୁଲିସ ଚୁପ୍ ବସିଚି। ନିଖୋଜ ହେବାର ୨ବର୍ଷ ବିତି ଯାଇଥିଲେ ସୁଦ୍ଧା ପୁଅର କୌଣସି ସନ୍ଧାନ ମିଳି ପାରି ନାହିଁ। ପୁଅର ଫେରିବା ବାଟକୁ ଅନାଇ ବସିଛି ଦୁଃଖିନୀ ମା'।



ମନମୁଣ୍ଡା ଥାନା ଗୁଡ଼ଭେଲି ପଦର ପଞ୍ଚାୟତ ଡାଙ୍ଗମୁଣ୍ଡା ଗ୍ରାମର ରାଧେଶ୍ୟାମ ନାଗ ଓ ପ୍ରମିଳା ନାଗଙ୍କ ପୁଅ ରାହୁଲ ୨ବର୍ଷ ପୂର୍ବେ ଅଷ୍ଟମ ଶ୍ରେଣୀ ପଢୁଥିବା ସମୟରେ କୁଆଡେ ଚାଲି ଯାଇଛି। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପୁଅ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଅଞ୍ଚଳରେ ଥିବା ଖବର ପାଇ ସେଠାରେ ପହଞ୍ଚିଥିଲେ। ସେଠାରେ ରାହୁଲଙ୍କ ମାକୁ ମାଡ଼ ମରା ଯାଇ ଏକ କୋଠରୀରେ ବନ୍ଦ କରାଯାଇ ଅପହରଣ କରାଯାଇଥିବା ପରିବାର ପକ୍ଷରୁ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା; ହେଲେ ଅଭିଯୋଗ ପରେ ଅଭିଯୋଗ କଲା ପରେ ମଧ ପୁଲିସ କୌଣସି ତଦନ୍ତ କରୁ ନ ଥିବା ପ୍ରମିଳା ଅଭିଯୋଗ କରିଛନ୍ତି। ହେଲେ ଇତି ମଧ୍ୟରେ ୨ ବର୍ଷ ବିତି ଯାଇଥିଲେ ମଧ ବାରମ୍ବାର ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ପ୍ରମିଳା; ହେଲେ ପୁଅର କୌଣସି ପତ୍ତା ମିଳି ପାରିନାହିଁ। ନାବାଳକ ପୁଅକୁ ଚାହିଁ ଚାହିଁ ଆଖିରୁ ଲୁହ ଶୁଖି ଗଲାଣି; ହେଲେ ପୁଅ ଆସୁନାହିଁ। ଉର୍ମିଳା ପୁଣି ମନମୁଣ୍ଡା ଥାନାକୁ ଆସିଥିବା ବୌଦ୍ଧ ଏସଡିପିଓ କୁଳଦୀପ ମିନାଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଖୁବ ଶୀଘ୍ର ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମୀନା କହିଛନ୍ତି।

# ଲୁଟ୍ ଅଭିଯୋଗରେ ୨ ଲୁଟେରା ଗିରଫ

**ନୂଆପଡ଼ା, ୨୧।୩(ସମିସ):** ନୂଆପଡ଼ା ଜିଲ୍ଲା ଜୋଙ୍କ ଥାନା ଖରିଆରରୋଡ ସହର ଦେଶୀ ମଦଭାଟି ସମ୍ମୁଖରେ ଛୁରା ଦେଖାଇ ମୋବାଇଲ ଓ ନଗଦ ଟଙ୍କା ଲୁଟ୍ ହୋଇଛି। ପୁଲିସ ଲୁଟ୍ ମୋବାଇଲ ଓ ଟଙ୍କା ଜବତ କରିଛି। ଏହି ଘଟଣାରେ ଖରିଆରରୋଡ ସହର ପିଏଚଡିପଡ଼ାର ସୁରଜ ଯାଦବ ଓ ବଜାରପଡ଼ାର ଅନୁରାଗ କୁମାରକୁ ଗିରଫ କରିଛି। ନୂଆପଡ଼ାର ଇମ୍ରାନ ଖାନ ଏକ ବାଇକରେ ଯାଉଥିଲା ବେଳେ ଏହି ଦୁଇ ଅଭିଯୁକ୍ତ ଦେଶୀମଦ ଭାଟି ନିକଟରେ ତାଙ୍କୁ ଅଟକାଇଥିଲେ। ଛୁରା ଦେଖାଇ ତାଙ୍କ ମୋବାଇଲ ଫୋନ୍ ଓ ୪୬୪୦ ଟଙ୍କା ଲୁଟି ନେଇଥିଲେ। ଏ ନେଇ ଇମ୍ରାନ ଜୋଙ୍କ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏସ୍ଆଇ ଅରବିନ୍ଦ ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଉଭୟକୁ ଗିରଫ କରିଥିଲା।

## ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

# ସମସ୍ତେ ଗଛ ଲଗାଇ ଯତ୍ନ ନେବାକୁ ଆହ୍ୱାନ

**ହରଭଙ୍ଗା, ୨୧।୩ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରନରସିଂହପୁର ନର୍ସରୀରେ ଗୁରୁବାର ବୌଦ୍ଧ ବନ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱବନ ଦିବସ ପାଳିତ ହୋଇଛି। ମଞ୍ଚାସୀନ ଅତିଥି ଓ ମୁଖ୍ୟ ବକ୍ତା ଜଙ୍ଗଲ ସମ୍ପଦ ମାନବ ସମାଜକୁ କିପରି ବଞ୍ଚିବାରେ ସହାୟତା କରୁଛି ଏବଂ ଜଙ୍ଗଲ ସମ୍ପଦକୁ କିପରି ପୁନରୁଦ୍ଧାର କରାଯାଇ ପାରିବ ତାହା ଉପରେ ଅତିଥିଗଣ ମତ ରଖିଥିଲେ। ସମସ୍ତେ ଗଛ ଲଗାଇ ଯତ୍ନ ନେବାକୁ ଏଥିରେ ଆହ୍ୱାନ ଦିଆଯାଇଛି।

ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡା. ପ୍ରିୟବ୍ରତ ବେହେରା, ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ କଲେଜର ପୂର୍ବତନ ଅଧକ୍ଷ ପ୍ରଶାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରବୀର ଦାସ, ହରଭଙ୍ଗା ବ୍ଲକ ସହକାରୀ କୃଷି ଅଧିକାରୀ ପ୍ୟାରୀମୋହନ ମହାପାତ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ଞାନରଞ୍ଜନ ଦିଗାଲ, ହରଭଙ୍ଗା ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଡା. ବୀରେନ୍ଦ୍ର ପୃଷ୍ଟି, ହରଭଙ୍ଗା ବ୍ଲକ ମତ୍ସ୍ୟ ଅଧିକାରୀ ରାକେଶ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜରେ ପୂର୍ବରୁ ଜଙ୍ଗଲ ସମ୍ପଦ ଉପରେ ହୋଇଥିବା ବକ୍ତୃତା, ରଚନାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଫରେଷ୍ଟ ଗାର୍ଡ ରବୀନ୍ଦ୍ର ବାରିକ, ବେବି ମିଶ୍ର, ଫରେଷ୍ଟର ପ୍ରକାଶ ଚନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ସେଠି ପ୍ରମୁଖଙ୍କୁ ମଧ ସମ୍ମାନିତ କରାଯାଇଥିଲା।




## ଟାମ୍ପରକେଲାରୁ ମାୟାନଗରୀର ସିନେମାଟୋଗ୍ରାଫର

# ଏବେ ଜନସେବା କେନ୍ଦ୍ରରେ ମେଣ୍ଟାଉଛନ୍ତି ଗୁଜୁରାଣ

**ସମ୍ବଲପୁର, ୨୧।୩(ସମିସ)**

କାମ ତଥା କୌଶଳ ଶିଖିବାକୁ ଡିଗ୍ରୀର ଆବଶ୍ୟକତା ନାହିଁ। କୌଶଳ ଶିଖିବାକୁ ଇଚ୍ଛା ଶକ୍ତି ଦରକାର। ଯାହା ଫଳରେ ଅସିଦ୍ଧ କାର୍ଯ୍ୟ ବି ସିଦ୍ଧ ହୋଇଥାଏ। ସେମିତି କିଛି କରି ଦେଖାଇବା ସହ ମୁମ୍ବାଇ ସହରରେ ସିନେମାଟୋଗ୍ରାଫିରେ ନିଜର ଛାପ ଛାଡ଼ିବା ସହ ନାଁକରା ବ୍ୟାନରରେ କାମ କରି ସାରିଛନ୍ତି ଟାମ୍ପରକେଲା ଗ୍ରାମର ଜୟପ୍ରକାଶ ପ୍ରଧାନ। ବିନା କୌଣସି ସିନେମାଟୋଗ୍ରାଫି ପାଠ୍ୟକ୍ରମ କରି ବଲିଉଡ ମୁଭିରେ କାମ କରି ପ୍ରଶଂସା ସାଉଟିବା ସହ ଭଲ ରୋଜଗାର ବି କରିଛନ୍ତି। ୨୦୦୬ ରୁ ୨୦୧୮ ଯାଏଁ ମୁମ୍ବାଇ କୋଲକାତା ପରି ସହରରେ ଅନେକ ମୁଭି ତଥା ଧାରାବାହିକରେ କାର୍ଯ୍ୟ କରିବା ସହ ବିମୁଦ୍ରାକରଣ ଓ କରୋନା ମାଡ଼ରେ ଆଜି ପୁଣି ଗାଁକୁ ଫେରି ପାଲଟି ଯାଇଛନ୍ତି ଅର୍ଦ୍ଧବେକାରୀ। ଜନସେବା କେନ୍ଦ୍ର ଖୋଲି ସବୁ ଅଭିଜ୍ଞତାକୁ ବାକ୍ସରେ ଭରି ପରିବାର ଚଳାଇବା ପାଇଁ କରୁଛନ୍ତି ସଂଘର୍ଷ। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଟାମ୍ପରକେଲା ଗାଁର ନାରାୟଣ ପ୍ରଧାନ ଓ ସୁରେଶ୍ୱରୀ ପ୍ରଧାନଙ୍କ ପୁଅ ଜୟପ୍ରକାଶ ପ୍ରଧାନ। ଚଷା ଘରର ପୁଅ ଜୟପ୍ରକାଶ ୨୦୦୩ରେ ଜିଏମ୍ କଲେଜରୁ ଗ୍ରାଜୁଏସନ ସାରିଲା ପରେ କାମ ଅନ୍ୱେଷଣରେ ୨୦୦୬ ମସିହାରେ ମାୟାନଗରୀ ମୁମ୍ବାଇକୁ ଚାଲିଯାଇଥିଲେ। ହେଲେ ପାଖରେ କୌଣସି ବୈଷୟିକ ଶିକ୍ଷାର ଡିଗ୍ରୀ ନଥିଲା। ହେଲେ ସିନେମାଟୋଗ୍ରାଫର ହେବାର ଅଦ୍ୟମ ଇଚ୍ଛା ତାଙ୍କ ପାଖରେ ଥିଲା। ସେଠାରେ ଅନ୍ୟ ସିନେମାଟୋଗ୍ରାଫର ପ୍ରକାଶ ମହାପାତ୍ରଙ୍କ ସହ ସାକ୍ଷାତ ପରେ ତାଙ୍କ ସହ ଆସିଷ୍ଟାଣ୍ଟ ରହି ପ୍ରଥମେ




ଫନା ମୁଭିରେ ଆସିଷ୍ଟାଣ୍ଟ ଭାବରେ କାମ କରିଥିଲେ। କାମ ଶିଖିବାର ଇଚ୍ଛା ଏତିକି ଥିଲା ଯେ ୧୪ ମାସ ସେ ଘରକୁ ଆସିନଥିଲା। ଏହା ପରେ ବଲିଉଡ ମୁଭି 'ଭୂମି' ରେ କାମ କରିବାର ସୁଯୋଗ ମିଳିଥିଲା। ତେବେ 'ଭୂମି' ରେ ମଧ ଚତୁର୍ଥ ଆସିଷ୍ଟାଣ୍ଟ ଭାବରେ କାର୍ଯ୍ୟ କରିଥିଲେ। ବିବାହ, ଏକ ବିବାହ୍ ଏସାଭି, ଓମ୍ ଶାନ୍ତି ଓମ୍, ସାୱରିଆ, ମେଁ ଓର୍ ମିସେସ ଖାନ୍ନା ପରି ଅନେକ ମୁଭିରେ ଆସିଷ୍ଟାଣ୍ଟ ଭାବରେ କାର୍ଯ୍ୟ କରି ସିନେମାଟୋଗ୍ରାଫର ଭାବେ କାର୍ଯ୍ୟ କରିବାର ସୁଯୋଗ ଆଣି ଦେଇଥିଲା। ଜୟ ବିନା କୌଣସି ଡିଗ୍ରୀରେ ଏତେ ଆଗକୁ ବଢ଼ିବା ସହ ବଲିଉଡରେ କାର୍ଯ୍ୟ କରି ବେଶ ଅଭିଜ୍ଞତା ହାସଲ କରିବା ସହ କୋଲକାତା ଆସି ସେଠାରେ ଅନେକ ମୁଭିର ଆଂଶିକ ସିନ ସୁଟ୍ କରି ପ୍ରଯୋଜକ ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ ପାଲଟି ସାରିଥିଲେ। ତେବେ କୋଲକାତା ରହଣି ମଧ୍ୟରେ ଓଡ଼ିଶାରୁ ତାଙ୍କୁ ସିନେମାଟୋଗ୍ରାଫି ପାଇଁ ପ୍ରସ୍ତାବ ଆସିଥିଲେ। ତେବେ ନିଜ ରାଜ୍ୟରେ କିଛି ମୁଭିରେ କାମ କରିବାର ସୁଯୋଗ ମିଳିଥିବାରୁ ଜୟ ଓଡ଼ିଶା କିଛି ମାସ ପାଇଁ ଆସି ଇଡିୟଟ, ଚାନ୍ଦନା ତୁମେ ତାରା, ଏମିତି ବି ପ୍ରେମ ହୁଏ ପରି ଅନେକ ମୁଭିରେ ସିନେମାଟୋଗ୍ରାଫର କାର୍ଯ୍ୟ ତୁଲାଇଛନ୍ତି। ହେଲେ ଏସବୁ ଭିତରେ ୨୦୧୬ର ବିମୁଦ୍ରାକରଣ ଓ କରୋନା ମହାମାରୀ ଜୟଙ୍କ ଅନେକ ସିନେମାଟୋଗ୍ରାଫରଙ୍କ ପାଇଁ ଅକାଳଚଡ଼କ ନେଇ ଆସିଲା। ନଗଦ କାରବାର କମିବା ସହ କାମ କମ୍ ମିଳିଥିଲା। ସେହି ସମୟରେ ଚଳଚ୍ଚିତ୍ର ଶିଳ୍ପ ମଧ୍ୟ ମାନ୍ଦାରେ ଚାଲିବାରୁ ବାଧ୍ୟ ହୋଇ ଜୟ ଘରକୁ ଫେରିଥିଲେ। ହେଲେ ଆଉ ମାୟାନଗରୀରେ ପରିବାର ସହ ଆରାମରେ ରହିବା ପରି ଆୟ ନହେବାରୁ ସେ ଆଉ ମାୟାନଗରୀ କିମ୍ବା କୋଲକାତା ଫେରିନଥିଲେ। ପରିବାର ସହ ନିଜ ଗାଁ ଟାମ୍ପରକେଲାରେ ରହି ନୂଆଁମୁଣ୍ଡା ଛକରେ ଏବେ ଏକ ଜନସେବା କେନ୍ଦ୍ର କରି ଦୁଇ ପଇସା ରୋଜଗାର କରି ପରିବାର ଚଳାଉଛନ୍ତି। ତେବେ ଅତ୍ୟାଧୁନିକ ଯୁଗରେ କ୍ୟାମେରା ଠାରୁ ସମସ୍ତ ବୈଷୟିକ ସାମଗ୍ରୀ ଅପଡେଟ ହେଉଛି। ଫଳରେ ବର୍ତ୍ତମାନ ସେଠାକୁ ଫେରିଲେ ଯେଉଁ ପାରଶ୍ରମିକ ମିଳିବ ପରିବାର ଚଳିବା କଷ୍ଟକର ହେବା ସହ କାମ ମୂଳରୁ ଆରମ୍ଭ କରିବାକୁ କରିବାକୁ ହେବ ବୋଲି ଜୟପ୍ରକାଶ କହିବା ସହ ଆଉ ଫେରିବେ ନାହିଁ ଓ ସେ ତାଙ୍କ ତେଲ ଲୁଣର ସଂସାରରେ ଖୁସି ବୋଲି କହିଛନ୍ତି।

## ବଜାରସାରା ରଙ୍ଗର ପସରା

# ସୁଗନ୍ଧିତ ଅବିର ଓ ହର୍ବାଲ୍ ରଙ୍ଗର ରହିଛି ଚାହିଦା

**ସମ୍ବଲପୁର, ୨୧।୩(ସମିସ)**

ଆଉ ଦିନ କେଇଟା ପରେ ହୋଲି। ହୋଲି ପାଇଁ ସମ୍ବଲପୁର ସହର ସହିତ ଗ୍ରାମାଞ୍ଚଳରେ ରଙ୍ଗର ପସରା ବସିଲାଣି। ଏଠାରେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ହୋଲି ପର୍ବ ପାଳନ କରିଥାନ୍ତି। ତେଣୁକରି ଛୋଟବଡ଼ ସହର, ଗାଁ ଦୋକାନ ଗୁଡ଼ିକର ଗଳିକନ୍ଦିରେ ରଙ୍ଗ ଦୋକାନ ଖୋଲିଛି। ମନ୍ଦିରରେ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାରେ ଦୋଳ ପୂର୍ଣ୍ଣିମାରେ ଗୁଁଡ଼ିଖାଇ ଓ ପରଦିନ ରଙ୍ଗ, ଅବିର ଖେଳିବାର ପରମ୍ପରା ରହିଛି। ସବୁବର୍ଗର ଲୋକମାନେ ହୋଲି ଖେଳକୁ ଅପେକ୍ଷା କରଥାନ୍ତି। ହୋଲି ଖେଳିବା ସହ ଭୋଜିଭାତ କରି ଏହି ରଙ୍ଗର ଉତ୍ସବ ପାଳନ କରିବେ ସେ ନେଇ ପ୍ରସ୍ତୁତି କରିଛନ୍ତି। ଆସନ୍ତା ୨୫ ଓ ୨୬ ତାରିଖ ହୋଲି ପାଇଁ ଛୁଟି ମଧ୍ୟ ଘୋଷଣା ହୋଇଛି। ସରକାରୀ ସଂସ୍ଥା ସହିତ ବିଭିନ୍ନ କର୍ପୋରେଟ ହାଉସ ଗୁଡ଼ିକରେ ମଧ୍ୟ ହୋଲି ପାଇଁ ଛୁଟି ଘୋଷଣା ହୋଇଛି। ବାହାରେ ରହି କାମ କରୁଥିବା ଓ ପାଠ ପଢୁଥିବା ଛାତ୍ରଛାତ୍ରୀ ଏବେ ହୋଲି ପାଇଁ ଘରକୁ ଫେରିବା ଆରମ୍ଭ କରିଛନ୍ତି। ନିଜ ସାଙ୍ଗସାଥୀ ସହିତ ହୋଲିପର୍ବ ପାଳନ କରିବାର ସୁଯୋଗ ପାଇବେ ସେ ନେଇ ଆଶା ରଖିଛନ୍ତି। ହୋଲି ପୂର୍ବଦିନ ଶନିବାର ଓ ରବିବାର ପଡୁଥିବାରୁ ସରକାରୀ କର୍ମଚାରୀଙ୍କ ପାଇଁ ଅଧିକ ୨ଦିନ ମୋଟ୍ ୪ଦିନ ଛୁଟି ପଡୁଛି। ଅନ୍ୟପଟେ ଆଜିଠାରୁ ରଙ୍ଗ ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ମଧ୍ୟ ଅନୁଭୂତ ହେଲାଣି। ବିଭିନ୍ନ ରସାୟନିକ ରଙ୍ଗ ଚର୍ମ ଓ ଶରୀର ଉପରେ କୁପ୍ରଭାବ ରହୁଥିବାରୁ ଏବେ ପ୍ରାୟ ବଜାରରେ ହର୍ବାଲ୍ ରଙ୍ଗ ଅଧିକ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଏହା ସହ ନାଲି, ନୀଳ, ହଳଦିଆ, ବାଇଗଣୀ ଓ ଗୋଲାପୀ ଭଳି ବିଭିନ୍ନ ରଙ୍ଗ ମିଳୁଛି। ଏ ସମ୍ପର୍କରେ ବ୍ୟବସାୟୀ ବିକାଶ ରଞ୍ଜନ ସାହୁ କହିଛନ୍ତି ଅବିରର ମଧ ଚାହିଦା ରହିଛି। ଅବିରର ବଜାର ଦର ଏବେ କିଲୋପିଛା ୩୦୦ରୁ ୪୦୦ଶହ ଟଙ୍କା ରହିଛି। ସେହିପରି ରହିଛି ସୁଗନ୍ଧ ଅବିର। ଏହା କିଲୋ ପିଛା ପ୍ରାୟ ୪ରୁ ୫ ଶହ ଟଙ୍କା ରହିଛି। କିଛି ସ୍ୱାସ୍ଥ୍ୟ ସଚେତନ ଲୋକ ହର୍ବାଲ ରଙ୍ଗ ପାଇଁ ବେଶ୍ ଆଗ୍ରହୀ। ଗୋଟିଏ ପ୍ୟାକେଟ୍ ହର୍ବାଲ୍ ରଙ୍ଗର ମୂଲ୍ୟ ୪୦୦ଟଙ୍କା ରହିଛି। ଏଥିରେ ୫ ପ୍ରକାରର ରଙ୍ଗ ଉପଲବ୍ଧ ହେଉଛି। ସହରର ପ୍ରାୟ ଦୋକାନରେ ୭ରୁ ୮ ପ୍ରକାର ରଙ୍ଗର ଅବିର ମିଳୁଛି। ଛୋଟପିଲା ଓ ବଡ଼ ଲୋକଙ୍କ ପାଇଁ ବିଭିନ୍ନ ପ୍ରକାର ପଶୁ, ପକ୍ଷୀ ଓ ରାକ୍ଷସ ମୁଖା ମଧ ବଜାରରେ ମିଳୁଛି। ପିଲାମାନଙ୍କ ପାଇଁ ଭିନ୍ନ ଭିନ୍ନ ଧରଣର ଟୋପି, ମାକ୍ସ, ବିଭିନ୍ନ ଧରଣର ପିଚ୍‌କାରୀ ଓ ମ୍ୟାଜିକ୍ ବେଲୁନ୍ ମଧ ଉପଲବ୍ଧ ହେଉଛି। ମୁଖାଗୁଡ଼ିକର ଦାମ୍ ୪୦ଟଙ୍କାରୁ ଆରମ୍ଭ ହୋଇ ୧୦୦ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ପିଚ୍‌କାରୀ ଦାମ୍ ୧୦ଟଙ୍କାରୁ ଆରମ୍ଭ କରି ୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ହୋଲିରେ ବିନା ରାସାୟନିକ ଅବିର ଓ ରଙ୍ଗକୁ ଗ୍ରାହକମାନେ ଅଧିକ କିଣୁଥିବା ବ୍ୟବସାୟୀମାନେ କହିଛନ୍ତି। ପିଲାଙ୍କଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ହୋଲି ପାଇଁ ଆନନ୍ଦ ପ୍ରକାଶ କରିଛନ୍ତି। ହୋଲି ସମୟରେ ସମସ୍ତେ ସତର୍କତା ଅବଲମ୍ବନ କରିବା ରଙ୍ଗ ଖେଳିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ଆସୁଛି ହୋଲି





# କୋଟିପତି ହେବା ସ୍ୱପ୍ନରେ ବାପ-ପୁଅଙ୍କ ଗଞ୍ଜେଇ ବେପାର

**ସମ୍ବଲପୁର,୨୧।୩ (ସମିସ):** ବାପ-ପୁଅ ଏକାଠି ମିଶି ଅପରାଧିକ କାର୍ଯ୍ୟ କରୁଥିବା ବହୁତ କମ ଦେଖିବାକୁ ମିଳିଥାଏ। ହେଲେ ସମ୍ବଲପୁର ଅବକାରି ଗୁଇନ୍ଦା ବିଭାଗ ଆଜି ଗେଞ୍ଜାଇ ବେପାରରେ କରୁଥିବା ବାପ ପୁଅକୁ ଗିରଫ କରିଛି। ଗଳାବାଟରେ କୋଟିପତି ହେବା ସପ୍ନକୁ ଛାରଖାର କରିଦେଇଛି। ଗିରଫ ଅଭିଯୁକ୍ତ ହେଲେ ବାପ ବାପ ସୁରେଶ ଅଗ୍ରୱାଲ ଓ ପୁଅ ସୁମିତ ପୋଦାର। ପୁଲିସ ୧ କ୍ୟୁଣ୍ଟାଲ ୭୭ କେଜି ଗଞ୍ଜେଇ ସହ ୫୭ ହଜାର ୩ ଶହ ଟଙ୍କା ଜବତ କରିଛି। ଅଭିଯୁକ୍ତ ବାପା ପୁଅକୁ କୋର୍ଟ ଚାଲାଣ କରିଛି ବୋଲି ଖବରଦାତା ସମ୍ମିଳନୀରେ ଗୁଇନ୍ଦା ଅବକାରି ଡେପୁଟି ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତିଯେ, ବାପ ପୁଅ ସହଜରେ ଅଧିକ ଟଙ୍କା ରୋଜଗାର କରିବାକୁ ଲକ୍ଷ ରଖିଥିଲେ। ଏକାଥରେ କୋଟି ପତି ହେବାକୁ ଯୋଜନା କରିଥିଲେ। ପୁଅ ସୁମିତଙ୍କ ଯୋଜନା ମୁତାବକ ବାପ ସୁରେଶ ମଧ ରାଜି ହୋଇ କରୁଥିଲେ। ବୌଦ୍ଧ ଜିଲ୍ଲାରୁ ୧ କୁଇଣ୍ଟାଲ ୭୭ କେଜି ଗଞ୍ଜେଇକୁ ଅତି ଚତୁରତା ସହ ବାପ ପୁଅ ଆଣି ନିଜ କ୍ଷେତରାଜପୁର ସ୍ଥିତ ଘରେ ରଖିଥିଲେ। ଏଠାରୁ ବିଭିନ୍ନ ସ୍ଥାନକୁ ଗଞ୍ଜେଇ ରପ୍ତାନି କରି କମ ଦିନରେ ଅଧିକ ଲାଭ ପାଇବା ଆଶା ରହିଥିଲା। ଅନ୍ୟପକ୍ଷରେ ବିଶେଷସୂତ୍ରରୁ ଖବର ପାଇ ଗୁଇନ୍ଦା ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ କ୍ଷେତରାଜପୁର ଠାରେ ଚଢ଼ାଉ କରି ଏହି ଗଞ୍ଜେଇ କୁ ଜବତ କରି ବାପ ପୁଅଙ୍କୁ ଗିରଫ କରିଥିଲା।



# ଗଞ୍ଜେଇ ଚାଲାଣ ମାମଲା; ୪ ଅଭିଯୁକ୍ତ ଖଲାସ

**ସମ୍ବଲପୁର, ୨୧।୩ (ସମିସ):** କାର୍ ଯୋଗେ ଗଞ୍ଜେଇ ଚୋରାଚାଲାଣ ବେଳେ ଗିରଫ ହୋଇ ଜେଲରେ ଥିବା ୪ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ଏମ୍‌ଆର୍ ଦୋରା ଆଜି ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଗତ ୨୦୨୩ମସିହା ଏପ୍ରିଲ ୧୨ତାରିଖ ଝାରଖଣ୍ଡର ଦୁଇଜଣ ଯୁବକ ପ୍ରଥମ ଭାରତୀ, ଅନିଲ ସିଂହ ଓ ଦୁଇଜଣ ମହିଳା ବେବୀ ଦେବୀ ଓ କଞ୍ଚନ ଦେବୀ ଏକ ସୁଇଫ୍ଟ କାର୍ ଯୋଗେ ଯାଉଥିବା ବେଳେ ଗୁଣ୍ଡେରପୁର ଛକରେ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ତାଙ୍କ କାରରୁ ୫୦କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହାପରେ ସେମାନଙ୍କୁ ଏନ୍‌ଡିପିଏସ୍ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ତେବେ ବିଚାରପତି ଏହି ମାମଲାରେ ପ୍ରମାଣ ଅଭାବ ଯୋଗୁଁ ଅଭିଯୁକ୍ତ ମାନଙ୍କୁ ନିର୍ଦ୍ଦେଶରେ ଖଲାସ କରିଥିବା ତାଙ୍କ ଓକିଲ ପ୍ରଦ୍ୟୋତ କୁମାର ଶର୍ମା ଜଣାଇଛନ୍ତି।

## ନର୍ସିଂହୋମ କର୍ମଚାରୀଙ୍କ ୧୬ ଲକ୍ଷ ଆତ୍ମସାତ

**ସମ୍ବଲପୁର, ୨୧।୩(ସମିସ):** ସମ୍ବଲପୁର ଫାର୍ମ ରୋଡ ସ୍ଥିତ ସଞ୍ଜିବନୀ ମେଡିକାଲର ଏକ କର୍ମଚାରୀ ନକଲି କ୍ୟୁଆର କୋର୍ଡ ବ୍ୟବହାର କରି ୧୬ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ମେଡିକାଲର ମାଲିକ ପୁରୁଷତ୍ତୋମ ଅଗ୍ରୱାଲ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ କ୍ଲିନିକାଲ ଆସିଷ୍ଟାଣ୍ଟ ଭାବରେ ବନ୍ଧପଡ଼ାର ଦୀପାଲି ଭୂଏ କାର୍ଯ୍ୟରତ ରହିଛନ୍ତି। ସେ ରୋଗୀଙ୍କ ନିକଟରୁ ମିଛ ବିଲ ତିଆରି କରି ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ନକଲି କ୍ୟୁଆର କୋର୍ଡ ବ୍ୟବହାର କରି ୧୬ ଲକ୍ଷ ଟଙ୍କା ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ସମ୍ବଲପୁର, ୨୧।୩(ସମିସ):ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନିରୁ କ୍ଷୀର ସାଗର ବାଗଙ୍କ ଘରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ସେ ୧୯ ତାରିଖ ପରିବାର ସହ ବରଗଡ଼ ଯାଇଥିଲେ। ଗତକାଲି ଫେରିବା ପରେ ଦ୍ୱାର କବାଟ ତାଲା ଭଙ୍ଗା ହୋଇଥିବା ଦେଖିଥିଲେ। କେହି ଦୁର୍ବୃତ୍ତ ରାତିରେ ପଶି ଘରୁ ଅନେକ ସାମଗ୍ରୀ ଚୋରି କରିଥିବା ଅଭିଯୋଗ କରିଛନ୍ତି। ୮ ହଳ ସୁନା ଅଳଙ୍କାର, ୧ ସୁନା ନେକଲେସ, ରୂପା ପାଉଁଜି ୨ହଳ, ଲାପଟପ, କପର ନିର୍ମିତ ସାମଗ୍ରୀ, କିବୋର୍ଡ, ବାଥରୁମ ସାମଗ୍ରୀ, ଟଲି ବ୍ୟାଗ ୨ଟି ଓ ଅନ୍ୟାନ ଜରୁରୀ କାଗଜ ପତ୍ର ଚୋରି ହୋଇଥିବା କହିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଗାଳିଗୁଲଜ ସହ ହତ୍ୟା ଧମକ ଅଭିଯୋଗ

ସମ୍ବଲପୁର, ୨୧।୩(ସମିସ):କ୍ଷେତରାଜପୁର ଥାନାର ତାଳଭଟାପଡ଼ାର ସଞ୍ଜିବ କୁମାର ବସନ୍ତରା(୨୬)ଙ୍କୁ କେହି ଜଣେ ଗାଳି ଗୁଲଜ ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ସେ ଗାଡି ନେଇ ଘରକୁ ଫେରିବା ବେଳେ ବୁଟୁ ନାମକ ଏକ ଯୁବକ ତାଙ୍କ ଗାଡି ସମ୍ମୁଖକୁ ଆସିଥିଲା। ପରେ ଗାଳି ଗୁଲଜ କରିବା ସହ ତାଙ୍କୁ ମାରି ଦେବା ବୋଲି ଧମକ ଦେଇଥିଲା। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଚୋରି ଗାଡ଼ି ଜବତ

**ବୁର୍ଲା, ୨୧।୩(ସମିସ):** ବୁର୍ଲା ଥାନା କଟାପାଲିର ଭାଗରଥୀ ପଣ୍ଡାଙ୍କ ଗତ ୧୮ ତାରିଖରେ ଏକ ବାଇକ ଚୋରି ହୋଇଥିଲା। ଆଜି ଏହି ଗାଡି ନାବଳକଙ୍କ ନିକଟରୁ ଜବତ କରାଯାଇଛି।

## ବାଇକ୍ ଚୋର ଗିରଫ

**ହୀରାକୁଦ, ୨୧।୩(ସମିସ):** ହିଣ୍ଡାଲକୋ କାରଖାନାରେ ମନୋଜ କୁମାର ଦାସ ସିକ୍ୟୁରିଟି ଅଫିସର ଦାୟିତ୍ୱରେ ଥିବା ସମୟରେ ଅନ୍ୟ ଦୁଇଜଣ ଗାର୍ଡ ଏକ ବାଇକ୍ ଚୋରକୁ କାବୁ କରିଥିଲେ। ଅଭିଯୁକ୍ତ ଜଣକ ଆଲିନ୍ଦ୍ ଛକର ଭରତ ପ୍ରସାଦ ମେହେର ଅଟନ୍ତି। ଆଜି ଏ ନେଇ ଶ୍ରୀ ଦାସ ହୀରାକୁଦ ପୁଲିସ ପାଖରେ ଲିଖିତ ଜଣାଇଥିଲେ। ଅଭିଯୁକ୍ତ ଗାଡ଼ି ବାବଦରେ କୌଣସି ବିବରଣୀ ଦେଇପାରି ନଥିଲେ। ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଶିଶୁ ମନ୍ଦିରରେ କଣ୍ଢେଇ ଦିବସ କାର୍ଯ୍ୟକ୍ରମ



**ହୀରାକୁଦ, ୨୧।୩(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହୀରାକୁଦରେ ଶିଶୁବାଟିକା ବିଭାଗର କଣ୍ଢେଇ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ଯୁଗ୍ମ ସଂପାଦକ ସୋମନାଥ ତରିଆ ଉପସ୍ଥିତ ରହି ଆଶୀର୍ବଚନ ପ୍ରଦାନ କରିବା ସହିତ ବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅଭିଭାବକ ଅଭିଭାବିକାମାନଙ୍କୁ ଆଗ୍ରହ ପ୍ରକାଶ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଅତିଥି ପରିଚୟ ଓ କଣ୍ଢେଇ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁବାଟିକା ପ୍ରମୁଖ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁମାନେ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ରେ ଚତୁର ଗଣେଶ ବିଷୟରେ କଣ୍ଢେଇ ନାଚ କରାଯାଇଥିଲା। ଆଚାର୍ଯ୍ୟ ମମତା ଗୌଡ଼, ସରୋଜିନୀ ପଣ୍ଡା ଓ ରଞ୍ଜନ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏମ୍‌ସିଏଲ୍‌ରେ ରାଜଭାଷା କମିଟିର ବୈଠକ

**ବୁର୍ଲା, ୨୧।୩(ସମିସ):** ବୁର୍ଲାସ୍ଥିତ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ(ଏମ୍‌ସିଏଲ) ମୁଖ୍ୟାଳୟର ରାଜଭାଷା କାର୍ଯ୍ୟକାରିତା କମିଟିର ୭୯ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ କାଓ୍ୱଲେ ଓ ନିର୍ଦ୍ଦେଶକ(କାର୍ମିକ) କେଶବ ରାଓଙ୍କ ଉପସ୍ଥିତିରେ ଏହି ବୈଠକ ହୋଇଥିଲା। ବୈଠକରେ ୨୦୨୨-୨୩ମସିହାରେ ଉତ୍ତମ କାର୍ଯ୍ୟକାରିତା ପାଇଁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ରାଜଭାଷା ବିଭାଗ(ପୂର୍ବ) ପକ୍ଷରୁ ପୌର ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟିକୁ ଦିଆଯାଇଥିବା 'ପ୍ରଥମ ପୁରସ୍କାର' ଅଧକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ଅଧକ୍ଷ ରାଜଭାଷା ସହ ଜଡ଼ିତ ସମସ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏମ୍‌ସିଏଲ୍‌କୁ ଏହି ଉତ୍ସାହ ବଜାୟ ରଖିବାକୁ ହେବ ଏବଂ ରାଜଭାଷାର ପ୍ରଗତିଶୀଳ ବ୍ୟବହାରରେ ନୂତନ ଉଚ୍ଚତାକୁ ଛୁଇଁବାକୁ ପଡ଼ିବ ବୋଲି କହିଛନ୍ତି। ବୈଠକରେ ଅଞ୍ଚଳ ଓ ମୁଖ୍ୟାଳୟ ବିଭାଗରେ ରାଜଭାଷାର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଥିଲା। ବୈଠକ ପ୍ରାରମ୍ଭରେ ଏମ୍‌ସିଏଲ୍‌ର ମହାପ୍ରବନ୍ଧକ (ରାଜଭାଷା) କୃଷ୍ଣ ମୁରାରୀ ପ୍ରସାଦ ଅଧକ୍ଷ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ମୁଖ୍ୟ କାର୍ଯ୍ୟାଳୟ ଓ ଆଞ୍ଚଳିକ ଅଧିକାରୀ ତଥା କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ରାଜଭାଷା କାର୍ଯ୍ୟ ବୃଦ୍ଧି ପାଉଛି ବୋଲି କହିଥିଲେ। ଆମକୁ ହିନ୍ଦୀରେ ସମାନ ଢଙ୍ଗରେ ଅଧିକରୁ ଅଧିକ ସରକାରୀ କାର୍ଯ୍ୟ କରିବାକୁ ପଡ଼ିବ ଯାହାଦ୍ୱାରା ରାଜଭାଷା ନୀତିର ଶତପ୍ରତିଶତ ଅନୁପାଳନ ହୋଇପାରିବ ବୋଲି କହିଛନ୍ତି। ବୈଠକରେ ସେପ୍ଟେମ୍ବର ଓ ଡିସେମ୍ବର ୨୦୨୩ ତ୍ରୈମାସିକ ରିପୋର୍ଟର ତୁଳନାତ୍ମକ ବିବରଣୀ ଉପସ୍ଥାପନ ଓ ସମୀକ୍ଷା କରାଯିବା ସହ କର୍ମଶାଳାରେ ରାଜଭାଷାରେ ଉନ୍ନତ ପ୍ରଦର୍ଶନ କରିଥିବା କ୍ଷେତ୍ର ଓ ବିଭାଗଗୁଡ଼ିକୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ମୁଖ୍ୟାଳୟର ମହାପ୍ରବନ୍ଧକ, ଅଞ୍ଚଳର ଆଞ୍ଚଳିକ କାର୍ମିକ ପରିଚାଳକ, ମନୋନୀତ ରାଜଭାଷା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।




# ଉମେଶଙ୍କୁ 'ନାଟ୍ୟ ଭବଭୂତି', ଦଶରଥଙ୍କୁ 'ନାଟନାଟୁଆ' ସମ୍ମାନ

**ସମ୍ବଲପୁର, ୨୧।୩(ସମିସ):** ସମ୍ବଲପୁରର ନାଟ୍ୟ ଅନୁଷ୍ଠାନଗୁଡିକୁ ନେଇ ପ୍ରତିଷ୍ଠିତ 'ନାଟନାଟୁଆ' ବିଗତ ବର୍ଷ ପରି ଏହି ବର୍ଷ ମଧ୍ୟ ଆସନ୍ତା ମାର୍ଚ୍ଚ ୨୭ ତାରିଖ ଦିନ ବିଶ୍ୱ ନାଟ୍ୟ ଦିବସ ମହାସମାରୋହରେ ପାଳନ କରିବାକୁ ଯାଉଛି। ଏଥି ପାଇଁ ଇତିମଧ୍ୟରେ ଏକ ପ୍ରସ୍ତୁତି ବୈଠକ ସମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଷ ଜିଲ୍ଲା ସାମ୍ବାଦିକ ସଂଘର ମିଳିତ ସହଯୋଗରେ ବିଶ୍ୱ ନାଟ୍ୟ ପାଳନ କରିବାକୁ ସ୍ଥିର ହୋଇଥିବା ବେଳେ ୨୭ ମାର୍ଚ୍ଚ ଦିନ ପୂର୍ବାହ୍ନରେ ସାମ୍ବାଦିକ ଭବନ ଠାରେ ଏହି ନାଟ୍ୟକର୍ମୀ ମାନଙ୍କ ପାଇଁ ବିଶେଷ ଦିବସ ବିଶ୍ୱ ନାଟ୍ୟ ଦିବସ ଆୟୋଜନ କରାଯିବ। ଏହି ଅବସରରେ ବିଶିଷ୍ଟ ନାଟ୍ୟବିଭୂତି ଉମେଶ ପ୍ରସାଦ ରଥଙ୍କୁ ନାଟକ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ 'ନାଟ୍ୟ ଭବଭୁତି ସମ୍ମାନ'ରେ ସମ୍ମାନିତ କରାଯିବ। ଆବାହ ସଂଗୀତ ଦେଇ ନାଟକକୁ ସଫଳ କରିଆସିଥିବା ତାରସେହେନାଇ ବାଦକ ଦଶରଥ ମେହେରଙ୍କୁ 'ନାଟନାଟୁଆ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ନାଟନାଟୁଆର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ଯୁଗ୍ମ ସଂଯୋଜକ ଅତିଶ ଶତପଥି ଓ ବିରୁପାକ୍ଷ ପ୍ରଧାନ ଏକ ପ୍ରେସ ବିବୃତ୍ତିରେ ସୂଚନା ପ୍ରଦାନ କରିଛନ୍ତି।





# ମୋ ବସ୍ ଚଳାଚଳରେ ବାଧା: ଜବରଦଖଲ, ବେଆଇନ ପାର୍କିଂ

**ସମ୍ବଲପୁର,୨୧।୩(ସମିସ)**

ମାର୍ଚ୍ଚ ୯ ତାରିଖରେ ସମ୍ବଲପୁର ସହରରେ ଆରମ୍ଭ ହୋଇଛି ମୋ ବସ ସେବା। ସହରବାସୀ ବେଶ ଖୁସୀ ହୋଇ ସ୍ୱାଗତ କରିଥିଲେ। ହେଲେ ସହରର ଅଣଓସାରିଆ ଓ ଜବରଦଖଲପୂର୍ଣ୍ଣ ରାସ୍ତା ମୋ ବସ ସେବାରେ ବାଧା ସୃଷ୍ଟି କରୁଛି। ଅଇଁଠାପାଲିରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସହରର ରାସ୍ତା ଜବରଦଖଲ ଯୋଗୁଁ ଅଣ ଓସାରିଆ ହୋଇଥିବାରୁ ମୋ ବସ ଚାଲିବା ସମୟରେ ଟ୍ରାଫିକ ସମସ୍ୟା ଉପୁଜିବା ସହ ବସ ସେବା ବିଳମ୍ବିତ ହେଉଛି ବୋଲି ଅଭିଯୋଗ ହେଉଛି। ୨୦୨ ନମ୍ବର ମୋ ବସଟି ସମ୍ବଲପୁର ଅଇଁଠାପାଲି ଛକରୁ ଆରମ୍ଭ ହୋଇ ବୁଢାରାଜା, ଚର୍ଚ୍ଚ ଛକ, ଲକ୍ଷ୍ମୀ ଟକିଜ ଛକ, ଗୋଲ ବଜାର ଛକ, ପୀର ବାବା ଛକ, ଜିଲ୍ଲାପାଳ କାର୍ଯ୍ୟାଳୟ, କଚେରୀ ଛକ ରିଙ୍ଗ ରୋଡ଼, ସମଲେଇ ମନ୍ଦିର, ଦୁର୍ଗାପାଲି, ମହାନଗର କାର୍ଯ୍ୟାଳୟ ଦେଇ ବୁର୍ଲା ବସ ଷ୍ଟାଣ୍ଡକୁ ଯାଇଥାଏ। ଏହି ରୁଟ ପାଇଁ ବିଶେଷ ଭାବେ ସମସ୍ୟା ଦେଖା ଦେଇଛି। ସମ୍ବଲପୁର ସହରର ଫ୍ଲାଇ ଓଭର ଉଦଘାଟନକୁ ୧୬ ମାସ ହୋଇ ଯାଇଥିଲେ ମଧ୍ୟ ଏହାର ସର୍ଭିସ ରୋଡ଼ରେ ସମ୍ପୂର୍ଣ୍ଣ ହୋଇନାହିଁ। କେତେକ ସ୍ଥାନରେ ଜବର ଦଖଲ ଉଚ୍ଛେଦ ଓ ଜମି ଅଧିଗ୍ରହଣ ହୋଇନଥିବା ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଛି। ଉଠା ଦୋକାନୀ ବସିବା ଓ ରାସ୍ତା ଉପରେ ବେଆଇନ ପାର୍କିଂ ଆଉ ଏକ ପ୍ରମୁଖ କାରଣ ହୋଇଛି। ମୋ ବସ ଚଳାଚଳ ବାଧା ପ୍ରାପ୍ତ ହେବା ସହ ବସ ସେବା ବିଳମ୍ବିତ ହେଉଛି। ଯାତ୍ରୀମାନେ ପୁଣି ଅଟୋ ଉପରେ ନିର୍ଭରଶୀଳ ହୋଇ ହଇରାଣ ଓ ଖର୍ଚ୍ଚାନ୍ତ ହେଉଛନ୍ତି। ଏବେ ୪ ଗୋଟି ରୁଟରେ ୧୫ ଗୋଟି ମୋ ବସ ଚଳାଚଳ କରୁଛି। ସମ୍ବଲପୁରବାସୀଙ୍କୁ ସୁବିଧାରେ ଯାତାୟତ କରିବା ପାଇଁ ଏହି ବସ ସେବା ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ବୁର୍ଲା, ହୀରାକୁଦ, ଚିପିଲିମା ସମେତ ରେଳ ଷ୍ଟେସନକୁ ଚଳାଚଳ କରୁଛି। ଅନ୍ୟପକ୍ଷରେ ବସ ଚଳାଚଳ କରୁଥିବା ରୁଟରେ ପୂର୍ବରୁ ରାସ୍ତା ପ୍ରଶସ୍ତିକରଣ କରାଯାଇ ବସ ଚଳାଚଳର ଆରମ୍ଭ କରାଯିବାକୁ ଦାବି ହୋଇଆସୁଥିଲା। ଜିଏମ କଲେଜ ଛକରୁ, ମୋଦିପଡ଼ା, ଗୋଲବଜାର ଛକରୁ ମୁନ୍ସିପାଲଟି ଛକ ପର୍ଯ୍ୟନ୍ତ ଥିବା ସଂକୁଚିତ ରାସ୍ତାରେ ଏହି ଟ୍ରାଫିକ ଜାମ ପରିସ୍ଥିତି ସବୁ ବେଳେ ଲାଗି ରହୁଛି। ସାଧାରଣ ଜନତାଙ୍କ ଯାତାୟତରେ ବିଭିନ୍ନ ସମୟରେ ଅସୁବିଧା ହେଉଥିବାରୁ ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଗଣମାଧ୍ୟମକୁ କହିଛନ୍ତିଯେ, ଆରଟିଓ, ଟ୍ରାଫିକ ପୋଲିସକୁ ଉପୁଜିଥିବା ଟ୍ରାଫିକ ସମସ୍ୟା ଉପରେ ନିୟନ୍ତ୍ରଣ ପାଇଁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।



## ପୁଣି ଥରେ ସଭାପତି ହେଲେ ଜୟନାରାୟଣ



**ହୀରାକୁଦ, ୨୧।୩(ସମିସ):** ହୀରାକୁଦ ସ୍ଥିତ ହିଣ୍ଡାଲକୋ କମ୍ପାନୀରେ ଠିକା ଶ୍ରମିକ ମାନଙ୍କ ଅନ୍ୟତମ ସଙ୍ଘ ହିଣ୍ଡାଲକୋ ସ୍ମେଲଟର କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିଅନର ନୂତନ ପଦାଧିକାରୀ ଚୟନ ହୋଇଥିବା ବେଳେ ଜରୁରୀ ବୈଠକ ହୋଇଥିଲା। ବୈଠକରେ ବିଧାୟକ ତଥା ବିରୋଧିଦଳ ନେତା ଜୟନାରାୟଣ ମିଶ୍ରଙ୍କ ଝିଅ ସୁଶ୍ରୀ ଶୁଭଶ୍ରୀ ମିଶ୍ର ଉପସ୍ଥିତ ଥିଲେ। ଚଳିତ ଥର ସର୍ବସମ୍ମତି କ୍ରମେ ପୁଣି ଥରେ ହିଣ୍ଡାଲକୋ ସ୍ମେଲଟର କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିଅନର ସଭାପତି ଭାବେ ବିଧାୟକ ମିଶ୍ରଙ୍କୁ ଚୟନ କରାଯାଇଥିଲା। ସାଧାରଣ ସମ୍ପାଦକ ପଦ ପାଇଁ ରାଜ କୁମାର ସିଂଙ୍କ ହୋଇଛନ୍ତି। ଏହା ସହିତ ୧୭ ଜଣିଆ କୋର କମିଟି ମଧ୍ୟ ଗଠନ କରାଯାଇଥିଲା। ଉପସଭାପତି ଭାବେ ଫଣୀ ଭୂଷଣ ମିଶ୍ର ଓ ବିଭୁତି ଭୂଷଣ ପଢ଼ିଆରିଙ୍କୁ ଚୟନ କରାଯାଇଥିବା ବେଳେ ସୁଶ୍ରୀ ଶୁଭଶ୍ରୀ ମିଶ୍ରଙ୍କୁ ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆ ଯାଇଛି। ଏହି ବୈଠକର ସବୁଶେଷ ବିବରଣୀ ଯଥାବିଧି ଭାବେ କମ୍ପାନୀ କର୍ତ୍ତୃପକ୍ଷ ଓ କମ୍ପାନୀ ରେ କାମ କରୁଥିବା ଠିକା ସଂସ୍ଥା ମାନଙ୍କୁ ଜଣେଇ ଦିଆ ଯାଇଛି।

## ନାବାଳିକାଙ୍କୁ ଅପହରଣ କରି ଯୁବକ ଗିରଫ

**ସମ୍ବଲପୁର, ୨୧।୩(ସମିସ):** ସଦର ଥାନା ଅଞ୍ଚଳରେ ଜଣେ ନାବାଳିକା ଅପହରଣ ଘଟଣାରେ ସଦର ପୁଲିସ ଆଜି ଜଣେ ଅଭିଯୁକ୍ତ ଯୁବକକୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ନେଇ ସୂଚନା ରହିଛି। ପୁଲିସ ସୂଚନା ମୁତାବକ ନାବାଳିକା ଜଣକ ନିଖୋଜ ହୋଇଥିବା ନେଇ ପରିବାର ବର୍ଗ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ସଦର ପୁଲିସ ଏହି ନିଖୋଜ ଘଟଣାର ତଦନ୍ତ କରି ଏଥିରେ ଜଣେ ଯୁବକ ନାବାଳିକାକୁ ଅପହରଣ କରିଥିବା ପ୍ରମାଣିତ ହେବା ପରେ ଆଜି ଦିନ ୯ ଟା ସମୟରେ ପରମାନପୁର ରୋଡ଼ରେ ଅଭିଯୁକ୍ତ ଯୁବକ ସୁମନ ଗଡ଼ିଅାକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ନେଇ ସଦର ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।



## ଚୋରି ମୋବାଇଲ ଜବତ, ଜଣେ ଗିରଫ

**ବୁର୍ଲା, ୨୧।୩(ସମିସ):** ବୁର୍ଲା ଥାନା ଗାନ୍ଧି ପଡ଼ାର କପିଲ ଦେବଙ୍କ ଘରୁ ତିନୋଟି ମୋବାଇଲ ଚୋରି ହୋଇଥିବା ଅଭିଯୋଗରେ ଆଜି ବୁର୍ଲା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଗାନ୍ଧି ପଡ଼ାର ୧୯ ବର୍ଷିୟ ଗଙ୍ଗା ସେନଡ୍ରିଆ। ଗତ ୧୯ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ଘରେ ପଶି ମୋବାଇଲ ଚୋରି କରିଥିଲା। ପୁଲିସ ମୋବାଇଲ ଜବତ କରିବା ସହ ଅଭିଯୁକ୍ତକୁ କୋର୍ଟ ଚାଲଣ କରିଛି।

## ଏଡ୍‌ଏଟ୍ ଆକ୍ସନର ପୁରସ୍କାର ବିତରଣ ଉତ୍ସବ

**ସମ୍ବଲପୁର, ୨୧।୩(ସମିସ):** ଗରିବ ଓ ଅବହେଳିତ ପରିବାର ପାଇଁ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଏକ କଠିଣ ପରିସ୍ଥିତି ଦେଇ ଗତି କରୁଥିବାବେଳେ ବର୍ତ୍ତମାନ କର୍ମନିଯୁକ୍ତି ଏକ ବଡ଼ ସମସ୍ୟା ହୋଇ ଠିଆ ହୋଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଦକ୍ଷତା ବିକାଶ ହିଁ କର୍ମନିଯୁକ୍ତିର ଏକମାତ୍ର ମାଧ୍ୟମ ହୋଇ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଯୁବକ ଓ ଯୁବତୀ ମାନଙ୍କ ପାଇଁ ଏକ ବଡ଼ ସାହାରା ହୋଇଛି ବୋଲି ଆଜି ପଡ଼ିଆବାହାଲ ଶାଖା ଏଡ୍‌ଏଟ୍ ଆକ୍ସନର ପ୍ରମାଣ ପତ୍ର ବିତରଣ ଉତ୍ସବରେ ବକ୍ତାମାନେ ଗୁରୁତ୍ୱାରୋପ କରିଛନ୍ତି। ସମ୍ବଲପୁର ସହରର ଏକ ହୋଟେଲରେ ଆୟୋଜିତ ଉତ୍ସବରେ ସଂସ୍ଥାର ଆଞ୍ଚଳିକ ପରିଚାଳକ, ପିଆର୍‌ଓ ବଳବନ୍ତ କୁମାର ସିଂ ମୁଖ୍ୟଅତିଥି, ସମ୍ବଲପୁର କାନାରା ବ୍ୟାଙ୍କ ଏଜିଏମ୍ ଅଜିତ୍ କୁମାର ଜଗା, ସାମାଜିକ କର୍ମୀ ଡା.ରାଜାରାମ ଷଡଙ୍ଗୀ ଓ ଦ୍ୱାରିକା ଜ୍ୱେଲର୍ସର ସୁଶାନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭାରେ ଏଡ୍‌ଏଟ୍ ଆକ୍ସନର ସମ୍ବଲପୁର ଶାଖା ପ୍ରଶିକ୍ଷିକ ଶୁଭେନ୍ଦୁ ବେହେରା ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସ୍ଥାର କେନ୍ଦ୍ର ପରିଚାଳକ ଅଜିତ ମୁଖାର୍ଜୀ ଅଧକ୍ଷତା କରିଥିଲେ।